'ଏବର୍ଷ ପଠାଣ ଓ ଦୁସ୍‌ଦୁଖ ମାହାସ ସୁଷଣେ ଭଣ ଗଲା । ଦଲାଲକ ତାଜିଆମାନ ଅଗ୍ରଦେବେ ପବଲର ସହର ଦର୍ଶାଦବଛରେ ରୁଣ୍ଡ ହେବାର ଥିଲା । ବର୍ଦ୍ଧାପନ୍ଥିଆ, ଅକ୍ଷତାବାଦୀ, ଦେଓଘଣାଦସ୍ ଓ ଫୁଲାସ ଦଳ ଦଳରେ ଲୋକାରଣ୍ୟ ହୋଇଗଲା । ଦେବ ସ ୧୦ ଘ ଯବଦ ଗୋ ୮ ଷ୍ଠା ତାଜିଆ ଜମା ହୋଇଗଲା; କସ୍ପାବଜାର ଓ ମାଣିକମ ତାଜିଆ ଅପେକ୍ଷାରେ ଅନେକ କ୍ଷଣ ଗତ ହେଲା ମାତ୍ର ଦେଖିବେ ଯେ ଦୁହିଙ୍କର ଆସିବାର ଦେଖା ନ ଗଲା । ଏହି ସମୟରେ ଯଲବଜାର ନିବାସୀ ଜାନୁ ନାମକ ଜଣେ ଗାଡ ସରଦାରର ଏକବର୍ଷ ମୋଟିଏ ନୂଆ ତାଜିଆ ହୋଇଥିଲା । ଉକ୍ତ ତାଜିଆ ଉପଯୁକ୍ତ ସ୍ଥାନରେ କରି ନ ଥିବାର ଦେଖିଲେ ଅଗ୍ରଣୀମାନେ ଆପତ୍ତି କରିବାରୁ ସେ ବହୁତ ରାଗିବେ ମୋ ତାଜିଆ ମୁଁ ଯେପରି ଆପଣା ଅସ୍ଥାନକୁ ନେଇଯିବି; ଏଥିପାଇଁ ସେଠାରେ ଉପସ୍ଥିତ ଥିବା ପୁଲିଷ

Digitized by srujanika@gmail.com

Split by PDF Splitter



ସାହେବଙ୍କର ଅନୁମତି ମାଗିଲେ, ସାହେବ ଅନୁମତି ଦେଲେ ମାତ୍ର ସେ ଯେଉଁ ରାସ୍ତାରେ ଫେର ଆପଣା ଅସ୍ତାନକୁ ଯିବ, ସେହି ପଥ ସାଧାରଣ ଲୋକଙ୍କ ଓ ଗାଡ଼ିମାନ ଅପେକ୍ଷା କରିଲି ଅନୁସାରେ ଯିବାର କଥା । ଜାନୁ ଲୋକଙ୍କ ଦେଖ ଅଗେ ଉଠି ପଡ଼ି ଅରୁ ସଡ଼କ ଉପରକୁ ଚଳି ମାତ୍ର ସବାରରେ ଯିବାବାଲା ହଂସାଇମାନେ ଦେଖିଲେ ଯେ ଜାନୁ ଲୋକଙ୍କ ସବାରରେ ଉଠି ଅଗ୍ରେ ଚଳିଲେ ତାହା ତାଙ୍କର ସହ୍ୟ ନ ହେବ; ଦୁଇ ଚାରିଜଣ ହଂସାଇ ଉଠି ଦେଇ ଦୌଡ଼ି ଯାଇ ସଡ଼କ ଉପରେ ଯାତ୍ରୀ ହୃଦ୍ରା ଜାନୁଙ୍କୁ ଆକ୍ରମଣ କରି ଦୁଇ ପ୍ରହାରରେ ଲାଠିଅ ଲାଗି ତୁଚ୍ଛଲଣ୍ଡୀ କରିଦେଲେ । ଜାନୁ ମହାପ୍ରାଣ ହୋଇ ଜାନମୁଣ୍ଡା ଅଢ଼ିବି ଘାଲବରେ ଫେରିଗଲେ । ସେହି ସଙ୍ଗେ ୨ ହଂସାଇଲାଠିଅ ପ୍ରଭୃତି ଅପଣା ୨ ଷ୍ଟେଲ ଅନୁସାରେ ଗମନ କଲେ ! ବଡ଼ ଆଶ୍ଚର୍ଯ୍ୟ କଥା ଏହି ଯେ ପୁଲିସର ବଡ଼ ୨ ଅଫିସର ଚଳିଛ ପୁଲିସ ସାହେବ ଓ ଗଭାଧିକ ପୁଲିସ ପ୍ରହରୀ ପଦାତିକମାନେ ଯୋଡ଼ ବନ୍ଧ ଆଡ଼ି ୨ ଭଳ ଶୁର ଜଣ ହଂସାଇ ଯାଇ ଜାନୁଅଙ୍କୁ ଭଙ୍ଗି ଦେଲେ ଅଥଚ କେହି ଜଣେ ବାଧା ଦେଲା ନାହିଁ !!!

———

ବଙ୍ଗଳାର ପ୍ରାଦେଶିକ ସମିତି ।

ଏ ବର୍ଷ ଏହି ସମିତିର ଅଧିବେଶନ ନଦୀଅ ଜିଲାର କୃଷ୍ଣଗଡ଼ ନଗରର ନାଟ୍ୟମନ୍ଦିର ଗୃହ ଭାଗରେ ଗତ ମାସ ତା ୨୦ ଓ ୨୧ ଦିନରେ ହୋଇଥିଲା । ସ୍ଥାନୀୟ ପ୍ରତିନିଧି ଛଡ଼ା ପ୍ରାୟ ଦେଢ଼ଶତ ପ୍ରତିନିଧି ଉପସ୍ଥିତ ହୋଇଥିଲେ ଏବଂ ସେମାନେ କଲିକତା, ମୟମନସିଂହ, ଜଲପାଇଗୁଡ଼ି ଓ ବରିଶାଲ ପ୍ରଭୃତି ଦୂର ଦେଶ ସହିତ ବଙ୍ଗଳାର ପ୍ରାୟ ସମସ୍ତ ସ୍ଥାନରୁ ଆସିଥିଲେ । ଦର୍ଶକଙ୍କ ସଂଖ୍ୟା ଏହି ସହସ୍ରର ଉର୍ଦ୍ଧ୍ୱ ଥିଲା । ଫଳତଃ ପୂର୍ବବର୍ଷ ବହରମପୁରର ଅଧିବେଶନଠାରୁ ଏଥର ଅଧିକ ଲୋକ ଉପସ୍ଥିତ ହୋଇଥିଲେ । ଅପରାହ୍ଣ ୨ ଟା ସମୟରେ ଅଧିବେଶନ ଆରମ୍ଭ ହେଲା । ବାବୁ ମନମୋହନ ଘୋଷ ଅଭ୍ୟର୍ଥନା କମିଟୀର ସଭାପତି ସ୍ୱରୂପ କଲ୍ୟାଣାର୍ଥ ପ୍ରତିନିଧିମାନଙ୍କର ଅଭ୍ୟର୍ଥନା କରି କହିଲେ କୃଷ୍ଣଗଡ଼ ତାଙ୍କର ଜନ୍ମସ୍ଥାନ ନ ହେଲେହେଁ ଉକ୍ତ ସମିତି ପକ୍ଷରୁ ପ୍ରତିନିଧିମାନଙ୍କୁ ସୁସ୍ୱାଗତ ସମ୍ଭାଷଣ ଓ ଧନ୍ୟବାଦ ଦେବାର ଅଧିକାର ସେ ସଭ ମୂଲ୍ୟବାନ୍ ବିବେଚନା କରନ୍ତି, କାରଣ ତଦେଥ ପୈତୃକ ଦେଶଜର ଜନ୍ମ ଅଟେ ଏବଂ ପୈତୃକ ଭୂମି ଏସ୍ଥାନର ସଙ୍ଗେ ଜଣେ ଲୋକ ଘନ ନିକଟ ଥିଲେ ଯେହେତୁ ଯେ ଏହାକୁ ଛାଡ଼ିପାରିଥିଲେ ଯେ ଦେଶର ଉନ୍ନତି ହିନ୍ଦୁ ଓ ମୁସଲମାନମାନଙ୍କର ଐକ୍ୟତା ଉପରେ ନିର୍ଭର କରେ । ଅତଏବ ସେ ସ୍ୱଦେଶୀୟ ମାନଙ୍କୁ ପରସ୍ପର ପାର୍ଥକ୍ୟ ଭାବ ବିସ୍ମରଣ ପୂର୍ବକ ଏକ ମେଳରେ ସାଧାରଣ ହିତ କାର୍ଯ୍ୟରେ ଯତ୍ନବାନ୍ ହେବାକୁ ଅନୁରୋଧ କଲେ । ତହିଁ ଉତ୍ତାରୁ ଯଥା ରୀତିରେ ମାନ୍ୟବର ବାବୁ ଗୁରୁପ୍ରସାଦ ସେନ ସଭାପତି ପଦରେ ବରଣ ହୋଇ ଦେଢ଼ଘଣ୍ଟା କାଳ ବ୍ୟାପୀ ଏକ ଦୀର୍ଘ ବକ୍ତୃତା ପ୍ରଦାନ କଲେ ଏବଂ ତହିଁରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଆୟ ବ୍ୟୟ ସମ୍ବନ୍ଧୀୟ ବ୍ୟବସ୍ଥା ବିଶେଷରୂପେ ସମାଲୋଚିତ ହୋଇଥିଲା । ଏହିରୂପେ ପ୍ରଥମ ଦିନର କାର୍ଯ୍ୟ ଶେଷ ହେଲା । ୨ୟ ଦିନ ଦଶ ଘଣ୍ଟାଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବୈଠକରେ ନିମ୍ନର ବିଷୟ ଉତ୍ତପନ ହେବା ଉଚିତ ସେହି ବିଷୟ ସବୁ ଖୋଲି ବସିବାକୁ ଅଧିବେଶନ, ଭାରତ ଓ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ମଧ୍ୟରେ ଅର୍ଥ ବିଷୟକ ପଞ୍ଚବର୍ଷୀୟ ଚୁକ୍ତି, ସରକାରୀ କାର୍ଯ୍ୟକାରଣଠାରୁ ବିଚାର ବିଭାଗକୁ ପୃଥକ୍ କରିବାର ଆବଶ୍ୟକତା, ଜୁରି ପ୍ରଥାର ସଂସ୍କାର, ଚୌକିଦାରୀ ଆଇନ, ରେଲଓ୍ୱେର ତୃତୀୟ ଶ୍ରେଣୀର ଯାତ୍ରୀଙ୍କ ଦୁଃଖ, ଶିଳ୍ପ ଶିକ୍ଷାର ବିସ୍ତାର, କଲିକତାର ମ୍ୟୁନିସିପାଲିଟି ବିଷୟ ଆଲୋଚିତ ହୋଇ ନିର୍ଦ୍ଧାରଣମାନ ସ୍ଥିର ହେଲା । ଏଦିନ ପ୍ରାୟ ଦଶସହସ୍ର ଲୋକ ଉପସ୍ଥିତ ଥିଲେ ।

୩ୟ ଦିନ ସକାଳ ଆଠଘଣ୍ଟା ସମୟରେ ବୈଠକ ଆରମ୍ଭ ହୋଇ ଦଶ ଘଣ୍ଟାରେ ଶେଷ ହେଲା । ଏଦିନ ପ୍ରଥମେ ସ୍ଥାନୀୟ ନିଜ ସେ.ଶାଲବା ଏବଂ ତହିଁ ନିମନ୍ତେ ଟିକସ ବସାଇବା ବିଷୟକ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବ ଅବହେଳିତ ହେବାରେ ସମିତି ଏକବାକ୍ୟରେ ଦୈନନ୍ଦିନ କଲେ ଯେ ଟିକସ ଦ୍ୱାରା ବସାଇବା ଅନାବଶ୍ୟକ ଓ ପୀଡ଼ା ଦାୟକ ସୁତରାଂ ସେ ପ୍ରସ୍ତାବ ଅନାବଶ୍ୟକ ଅଟେ । ଯାଉଥାଉ ଟଙ୍କା ମୂଳଧନରେ ସଂରକ୍ଷଣ ହେଲେ ଅଥବା ପ୍ରଚଳିତ ଟିକ୍ସ ଦ୍ୱାରା ଟଙ୍କା ସ୍ୱାସ୍ଥ୍ୟରକ୍ଷା ବିଷୟରେ ବ୍ୟୟିତ ହେଲେ ନୂଆ ଟିକସ ବସାଇବା ଆବଶ୍ୟକ ହେବ ନାହିଁ । ଏସ୍ଥଳରୁ ପଥକର ଟଙ୍କା ସରକାର ପୂର୍ତ୍ତବିଭାଗ ଏବଂ ଭୂପ ଟେକ୍ସରେ ବ୍ୟୟ ହେବା ଉଚିତ ଜନସ୍ୱାସ୍ଥ୍ୟ ବିଷୟକ କାର୍ଯ୍ୟ ରକ୍ଷାର ଶେଷ ଅକ୍ଷର ଅପିଲ କଲେ ଅଦାଲତରେ ହେବା ଏବଂ ବ୍ୟବସ୍ଥାପକ ସଭାର ସଭ୍ୟ ନିର୍ବାଚନ ସମ୍ବନ୍ଧୀୟ ନିୟମାବଳୀ ବିଷୟରେ ନିର୍ଦ୍ଧାରଣ ମାନ ସ୍ଥିର ହୋଇ ଉପଥିତ ମହାରାଜା ଏବଂ ଅଭ୍ୟର୍ଥନା କମିଟିଙ୍କୁ ଧନ୍ୟବାଦ ପ୍ରଦାନ ପୂର୍ବକ ସଭା ଭଙ୍ଗ ହେଲା । ଏହି ସମିତିର ଆଗାମି ଅଧିବେଶନ ଆଗାମି ବର୍ଷ ବର୍ଦ୍ଧମାନରେ ହେବାର ସ୍ଥିର୍ଯ୍ୟ ହୋଇଅଛି ।

ସଭା ଭଙ୍ଗ ହେବାର ଅବ୍ୟବହିତ ପରେ ଜନସାଧାରଣଙ୍କର ଗୋଟିଏ ସଭା ହେଲା । ତିନିତାପାର ସମ୍ପାଦକ ପଣ୍ଡିତ କାଳୀପ୍ରସନ୍ନ କାବ୍ୟ ବିଶାରଦ ଏବଂ ମାନ୍ୟବର ବାବୁ ସୁରେନ୍ଦ୍ରନାଥ ବାନାର୍ଜ୍ଜି ବଙ୍ଗଳାରେ ବକ୍ତୃତା ପ୍ରଦାନ କରି ଜାତୀୟ ମହାସମିତିର ସାହାଯ୍ୟ ନିମନ୍ତେ ଜମିଦାରମାନଙ୍କୁ ପ୍ରାର୍ଥନା କରନ୍ତେ ଏକଜଣ ଜୋଦାନଦାର ସାହାଯ୍ୟ ସ୍ୱରୂପ ଭାର ନେବାର ସ୍ୱୀକାର କଲେ । ଜୋଦାନ ଲାଗିଅ, ଖୋସବାସ ପ୍ରଭୃତି ଶ୍ରେଣୀର ଲୋକମାନେ ଅଳ୍ପ ସାହାଯ୍ୟ କଲେ ଅନେକ ଅର୍ଥ ସଂଗୃହୀତ ହୋଇ ପାରନ୍ତା ସନ୍ଦେହ ନାହିଁ । ଭରସା କରୁ ନଦୀଅର ଜୋଦାନମାନେ ଏ ବିଷୟରେ ଅନ୍ୟମାନଙ୍କର ଆଦର୍ଶ ହେବେ ।

———

ପାଉସାଲର ଅବ୍ୟବସ୍ଥା ।

ପ୍ରତିବର୍ଷ ଲଗାଉଛି ଯେମନ୍ତ ଗୋଟିଏ ନିଯୁମିତ ଘଟଣା ପାଉସାଲ ଅପରାଶ୍ରୁ ଏବଂ ଅବ୍ୟାସ୍ୱର ଅମ୍ଭମାନଙ୍କର ଗୋଟିଏ ନିତ୍ୟତି ଚର୍ଚ୍ଚା ହୋଇଅଛି । ଆଶ୍ଚର୍ଯ୍ୟର ବିଷୟ ଏହିକ ପାଉସାଲର କାର୍ଯ୍ୟ ନିର୍ବାହର ଭାର ଯାହାଙ୍କ ଉପରେ ଅଛି ସେମାନେ ଲୋକଙ୍କର କଷ୍ଟ ଓ ଦୁଃଖ ନିବାରଣ ବିଷୟରେ ଉଦାସୀନ ନ ଥିଲେ ହେଁ ଏପର୍ଯ୍ୟନ୍ତ ଯେତେ ଚେଷ୍ଟା କରୁଅଛନ୍ତି କିଛି ସଫଳ ହେଉ ନାହିଁ । କଠିନ ରୋଗର ଶତ୍ରୁ ପ୍ରୟୋଗ ଏବଂ ଅନବରତ ଶତ୍ରୁ ଅବଶ୍ୟକ, ସମ୍ପ୍ରତି ତାହା ହେଉ ନାହିଁ ବୋଲି ରୋଗ ଛାଡ଼ୁ ନାହିଁ । ଯଦି ଅଧେ ପରିଦର୍ଶନ କଲେ କିମ୍ବା ଏବେ ଦୁଇ ଥର ଦଣ୍ଡ ବିଧାନ କଲେ ଯେବେ ଲଜ୍ଜାଦାନମାନେ ସୁବର୍ତ୍ତବ୍ୟ ଫଇଲ ପଢ଼ି ଭାରର ବୋଝିଥାନ୍ତେ ତେବେ ଅମ୍ଭମାନଙ୍କର ଆଉ ଅଭିଯୋଗ କରିବାର ଆବଶ୍ୟକ ହେଉ ନ ଥାନ୍ତା ମାତ୍ର ଯେ ସ୍ଥଳେ ପାଉସାଲର ସୁବନ୍ଦୋବସ୍ତ ଅବଧି ହୋଇ ନାହିଁ ସେ ସ୍ଥଳେ ତହିଁର ପ୍ରତିକାର ନିମନ୍ତେ ଅମ୍ଭେମାନେ କର୍ତ୍ତୃପକ୍ଷମାନଙ୍କୁ ବିଶେଷ ଅନୁରୋଧ କରୁଅଛୁଁ ।

Digitized by srujanika@gmail.com

ପାନ୍ଥଶାଳାର ବେବନ୍ଦୋବସ୍ତ ଅମ୍ଭେମାନେ ସ୍ୱୟଂ ଯାହା ପ୍ରତ୍ୟକ୍ଷ କରିଅଛୁ ତାହା ନମ୍ରେ ପ୍ରକାଶ କରୁ ଯଥା ।

ଗତ ଗୁରୁବାର ଦିବସ ଏ ପ୍ରବନ୍ଧର ଲେଖକ ଯୋଗେଶ୍ୱରଙ୍କୁ ଯାଉଥିଲେ ଗତ ବୁଧବାର ସକାଳ ସ ୭ ଘ ସମୟରେ ମହାନଦୀର ଉତ୍ତର ପାର ଭୁବନେଶ୍ୱର ମହାଦେବ ଘାଟରେ ଉପସ୍ଥିତ ହୋଇ ଦେଖିଲେ ଯେ ଗତ ସନ୍ଧ୍ୟାରୁ ସେହି ପାରରେ ଥିବା ପଟୋହନ ଦୁଇଖଣ୍ଡ ସଗଡ଼ ଓ ବେଳେ ଜଣ ପଥିକ ଘେନି କୂଳରୁ ପ୍ରାୟ ୨୦୦ ହାତ ସୁଦ୍ଧ ଯାଇଥିଲା । ସେ ନୌକା ତାହାର ଘାଟଥିବାରୁ ଲେଖକ ଅଗତ୍ୟା କଟକ ଯାଇବୁ ଅନ୍ୟ ନୌକା ଥିବା ଅପେକ୍ଷାରେ ରହିଲେ । ତାହାଙ୍କ ପାଇଁ ପଞ୍ଚ ଅଙ୍କ ସଙ୍ଗେ ଜଣା ନାହିଁ ଅଛନ୍ତି ଏବଂ କଟେ ଅନେକ ପଥିକ ଆସି ଉପସ୍ଥିତ ହେଲେ । ପ୍ରାୟ ଏକ ଘଣ୍ଟା ଦୂରରୁ ଖଣ୍ଡେ ଡାକଡଙ୍ଗା ଏବଂ ତହିଁର ଅଧଘଣ୍ଟା ଦୂରରୁ ଆଉ ଖଣ୍ଡେ ଡାକଡଙ୍ଗା କଟକ ନଗରୁ ଅଳ୍ପ ଲୋକ ଘେନି ଆସିଲା ଏବଂ ଉତ୍ତର ପାରରେ ଥିବା ପଥିକଙ୍କ ମଧ୍ୟରୁ ଯେଉଁମାନେ ଜଣପ୍ରତି ଦୁଇ ଗଣ୍ଡା ପଇସା ଲେଖାଏଁ ପୁରସ୍କାର ଦେଲେ ସେମାନଙ୍କୁ ବସାଇ ନେଇ ଗଲା । ପାଲିଙ୍କି ବୋହାଇବା ଉପଯୋଗୀ ନ ଥିବାରୁ ଲେଖକ ତଥା ପାଦାଙ୍କ ସଙ୍ଗି ପାଲିଙ୍କି ଓ ଅନ୍ୟାନ୍ୟ ବସ୍ତୁସମ୍ବନ୍ଧ ବୋଝିଥ ହେତୁ ତହିଁରେ ଯାଇ ପାରିଲେ ନାହିଁ । ବଡ଼ ନୌକା କାହିଁକି ନ ଆଣିଲ ଏହା ପଚାରିବାରେ ସର୍ବ ଭଣ୍ଡ ଉତ୍ତର ଦେଲ ଯାହାଙ୍କ ତମ୍ଭା ସେଥିରେ ଥାଇ ପାରିବେକାଳି ଦେଖା ଗଲା ନାହିଁ । ତହିଁ ପାଖଣ୍ଡା ସମୟରେ ଏକଖଣ୍ଡ ପଟୋହନ ଦକ୍ଷିଣ ପାରରୁ ଦୁଇଖଣ୍ଡ ସଗଡ଼ ଓ ବେଳେ ଜଣ ପଥିକ ଘେନି ପହଞ୍ଚିଲା । ସେ ସଗଡ଼ମାନଙ୍କୁ ସତ୍ୱରଭାବରେ ସେମାନେ ବହିଲେ ନ ଦୁଃଖଦ ସନ୍ଧ୍ୟା ସମୟରୁ ସେମାନେ ଘାଟରେ ପଡ଼ିରହିଥିଲେ । ସକାଳ ଆଠଘଡ଼ା ବେଳେ ଉକ୍ତ ଘାଟର ମହୁରୀ ଏବଂ ମାଝିମାନେ ଅଇଲେରୁ ପଟୋହନ ବୋଝାଇ କରାଗଲା ହେଲେ । ଉତ୍ତରପାରରେ ଅନ୍ତତଃ ପ୍ରାୟ ଏକଘଣ୍ଟା ସମୟ ଲାଗିଅଛି । ଭୁବନେଶ୍ୱର ଘାଟରେ ପଟୋହନ ପହଞ୍ଚି ହୋଇଲେ ଉକ୍ତ ଜଣ ମାନବେ ସେପାରିର ଘାଇଁ ବୋଝିଥ ବାଚ୍ଛୋଇ ପ୍ରଭୃତିଦ୍ୱାରା ତାହା ପୂର୍ଣ୍ଣ ହୋଇ ଗଲା । ମାଝି ମନେ ନୌକା ବାନ୍ଧି ଦେଇ ଏବଂ ଜଣଠାରୁ ପଇସା ଉଠାଇ କରିବାର ଆରମ୍ଭ କଲା । ଲେଖକ ଏହା ଦେଖି ମାଝିଙ୍କୁ ପଚାରିଲେ ତୁମ୍ଭେ କି ଏତେପାଇରେ ମାପରି ଅତ୍ୟାଚାର କରୁଅଛ ? ମାପରି କଷ୍ଟଦାୟରେ ନାଆଥିବାର ସମସ୍ତଙ୍କ ଜଣା ନହିଁ ସେ ଖାଲି ହୋଇ ନୌକା ଫିଟାଇ ଦେଲା । ଲେଖକଙ୍କ ନିକଟରେ ବସିଥିବା ବେଳେ ଜଣେ ପଥିକ ଯେଉଁମାନେ କ ବହୁତ ଥର କଟକରୁ ଯିବା ଆସିବା କରିବା ଦେଖି ଘାଟମାଝିଙ୍କର ବ୍ୟବହାର ବୁଝି ଅଛନ୍ତି ସେମାନେ କହିଲେ କ ଏ ପ୍ରଶ୍ନ ଉତ୍ତର ବଢ଼ସିବ ପଇସା ପାଇଁ ଜୁଲମ କରି ନୌକା ଫିଟାଇ ଦେଲ ନୋହିଲେ ପ୍ରତ୍ୟେକ ଲୋକଠାରୁ ଅବସ୍ଥା ଓ ଯୋଗ୍ୟ ଅନୁସାରେ ପଇସାଏ ବା ଦୁଇପଇସା ନେଇ ସୁଦ୍ଧା ନୌକା ଛାଡ଼ିବାକୁ ଦୁଇ ତିନି ଘଣ୍ଟା ବିଳମ୍ବ କରିଥାନ୍ତା ଏହାର ଘାଟ ସରିକ ବ୍ୟାପାର । ଏବଂ ପ୍ରଭାତର ଏହା ସାଧାରଣ ଅଛି । ଇଜାରଦାରର ଦୃଢ଼େସ୍ତ କଷ୍ଟ ପାଇଲେ । ଅରଥାରରେ ତାହାର ଜଣେ ସୁଦ୍ଧା ଲୋକ ନହିଁ ଯେ ମାଝିଙ୍କର ଉପର ସେତ ଦୃଷ୍ଟି ରଖିବ ତମ୍ଭା ପଥିକମାନଙ୍କର ସୁବିଧା ସୁଧାରିବ । ପରିଦର୍ଶକମାନେ କଟକପାଖ ହେଲେ ଗୃହରାଜ୍ୟ । ଅରଥାରରୁ ଯାନ୍ତି କି ନାହିଁ ସନ୍ଦେହ । ଏଥିରେ ମାଝିମାନେ ଯାହା ଇଚ୍ଛା ତାହା ନ କରିବେ କାହିଁକି ? ଅମ୍ଭେମାନେ ଏକଦଳର ପ୍ରକୃତ ଅବସ୍ଥା ଜଣାଇଲୁଁ । ଇଜାରାଦାରଙ୍କୁ ଓ ଭାରପ୍ରାପ୍ତ କର୍ମଚାରୀମାନେ ଏହା ନିବାରଣରେ କହିତ ଉପାୟ ଉଦ୍ଭାବନ ପୂର୍ବକ କାର୍ଯ୍ୟ କରିବେ । ଅମ୍ଭମାନଙ୍କ ବିବେଚନାରେ ନିମ୍ନଲିଖିତ ଉପାୟ ମାନ ଅବଲମ୍ବିତ ହେଲେ ଅନେକ ଉପକାର ହୋଇପାରେ ଯଥା—

୧ । ମହାନଦୀ ଏତେ ବଡ଼ ଯେ ଏକ ଦଶରୁ ଅନ୍ୟଦଶ ଦେଖି ଯିବାର ସୁବିଧା ନାହିଁ । ଅତଏବ ଉତ୍ତରପାରରେ ଇଜାରଦାରର ଜଣେ ମନୁଷ୍ୟ ଭୃତ୍ୟ ବସିବା ରହିବା ଅବଶ୍ୟକ ।

୨ । ଡାକଡଙ୍ଗା ପ୍ରତିପାରରେ ଖଣ୍ଡେ ରହିବ ଏବଂ ତାହା ସର୍ବଦା ଅନ୍ୟଲୋକ ବହିବାରେ ପାର ନ କରିବା ଉଚିତ ।

୩ । ସୂର୍ଯ୍ୟାସ୍ତ ଠାରୁ ସେହି ଶେଷ ପର୍ଯ୍ୟନ୍ତ ଘାଟ ବନ୍ଦ ଥାଏ ବୋଲି ଯେଉଁ ପଥିକ ସେହି ପାରରେ ପ୍ରାତଃକାଳପର୍ଯ୍ୟନ୍ତ ଅପେକ୍ଷା କରନ୍ତି । ପ୍ରାତଃକାଳ ଅଥବା ଠିକ ସ ୬ ଘ ସମୟରେ ଉଭୟ ପାରରୁ ନୌକା ଛାଡ଼ିବା ଏବଂ ତହିଁ ପରରୁ ଆବଶ୍ୟକମତେ ପ୍ରତି ଅର୍ଦ୍ଧଘଣ୍ଟା ବା ଏକଘଣ୍ଟାରେ ପଟୋହନ ପଠାଇବା ଏହି ନିୟମରେ ଦିବା ସ ୧୨ ଘଣ୍ଟାପର୍ଯ୍ୟନ୍ତ ଏବଂ ଅପରାହ୍ନ ସ ୩ ଘଣ୍ଟାରୁ ସନ୍ଧ୍ୟାପର୍ଯ୍ୟନ୍ତ ନୌକା ଯାତାୟାତର ନିୟମ ହେବା ଉଚିତ । ତାହାହେଲେ ଅନ୍ତତଃ ଏକଘଣ୍ଟାରୁ ଅଧିକକାଳ ତାହାଙ୍କୁ ଅପେକ୍ଷା କରିବାକୁ ହେବ ନାହିଁ ଏବଂ ନିର୍ଦ୍ଦିଷ୍ଟ ସମୟରେ ନୌକା ଛଡ଼ାଇବାକୁ ବାଧ୍ୟ ହେଲେ ମାଝିମାନେ ଅନ୍ୟାୟ ସମୟ ନେଇ ପାରିବେ ନାହିଁ ।

୪ । ଘାଟର ସମସ୍ତ ନୌକାର ପ୍ରକାଶ୍ୟ ସ୍ଥଳ ପାର୍ଶ୍ୱରେ ଲାଲ କିମ୍ବା କଳାବର୍ଣ୍ଣରେ ବଡ଼ ବଡ଼ ଅକ୍ଷରରେ ନମ୍ବର ପଡ଼ି ରହିବା ଉଚିତ । ଉକ୍ତ ଗୋଟେ ଗୋଟେ ସହଜରେ ଚିହ୍ନିପାରିବେ ଏବଂ ସୁଧାରି କରିବାର ଆବଶ୍ୟକ ହେଲେ ସେହି ନମ୍ବର ଧରି ଉଚାଇଁ ଦେବେ । ମାଝିର ନାମ ଜାଣିବାର ଆବଶ୍ୟକ ହେବ ନାହିଁ । ଇଜାରଦାର ମଧ୍ୟ ଯାହା ତାହା ନୌକାକୁ ଘାଟନୌକା ବୋଲି କହି ପରିଦର୍ଶକଙ୍କୁ ଠକାଇ ପାରିବେ ନାହିଁ ।

୫ । ଯେମନ୍ତ ଉତ୍କଳଦୀପିକା ପତ୍ରିକା ଘାଟରେ ମଙ୍ଗାଇଥାଏ ସେହିପରି ପାର ହେବାର ସମୟ ମଧ୍ୟ ଖଣ୍ଡେ ପଟାରେ ଲେଖି ଲଗାଇଦେଲେ ସର୍ବସାଧାରଣ ତଦ୍ବିଷୟରେ ସତର୍କ ହେବେ ଏବଂ ଘାଟବାଲା ବିଳମ୍ବ କଲେ ଜାଣିପାରିବେ ।

---

ନିମ୍ନଲିଖିତ ବ୍ୟକ୍ତିଗଣ ଆଗାମୀ ପ୍ରବେଶିକା, ଏଫ୍ ଏ ଓ ବି ଏ ପରୀକ୍ଷାର ପ୍ରଶ୍ନ ନିର୍ବାଚନ କରିବେ ।

ପ୍ରବେଶିକା ।

ଇଂରାଜୀ ସାହିତ୍ୟ—ପି, ଏଚ ମ୍ୟାକ୍‌ଡୋନେଲ୍ଡ । ଗଣିତ—ବାବୁ ମହେନ୍ଦ୍ରନାଥ ରାୟ । ଇତିହାସ ଓ ଭୂଗୋଳ—ପାଦରୀ ଦେବଦୂତ । ସଂସ୍କୃତ—ବାବୁ କୃଷ୍ଣକମଳ ଭଟ୍ଟାଚାର୍ଯ୍ୟ । ବଙ୍ଗଳା—ପଣ୍ଡିତ ଶିବନାଥ ଶାସ୍ତ୍ରୀ ।

ଏଫ୍ ଏ ।

ଇଂରାଜୀ—ମିଃ ମ୍ୟାନ । ଗଣିତ—ମେସଖେଲ୍ ଓ ବୁଥ । ଇତିହାସ—ମିଃ ପାର୍ଶିଭାଲ । ରସାୟନ—ମିଃ ପେଡ଼ଲର । ନ୍ୟାୟ—ମିଃ ଜ, ଜେ, ଶଦ୍ୱ । ସଂସ୍କୃତ—ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ଓ ଚନ୍ଦ୍ରକାନ୍ତ ତର୍କାଳଙ୍କାର । ବଙ୍ଗଳା—ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ । ପ୍ରାକୃତିକ ବିଜ୍ଞାନ—ମିଃ ମାକ୍‌ଡୋନାଲ୍ଡ ।

Split by PDF Splitter
Digitized by srujanika@gmail.com

Split by PDF Splitter



ଛଏ ।

ଇଂରାଜୀ—ମିଃ ସି, ଏଚ ଚ୍ଚିଳିୟାନ ଓ ଶାରଦ ବାବୁଙ୍କ । ଦର୍ଶନ—ବାବୁ ଶ୍ୟାମଚରଣ ବନ୍ଦୋପାଧ୍ୟାୟ ଓ ମିଃ ଥୁଦ୍ । ଇତିହାସ—ରେଭରେଣ୍ଡ ମଲସନ । ଗଣିତ—ଡାକ୍ତର ଅଶୁତୋଷ ମୁଖୋପାଧ୍ୟାୟ । ପ୍ରାକୃତିକ ବିଜ୍ଞାନ—ମିଃ ଜନ ଇଲିୟଟ । ରସାୟନ—ମିଜଡ଼୍ ଓ ଡାକ୍ତର ଓ ୟୁଟେରିନ । ସଂସ୍କୃତ—ବାବୁ ପାଲିମଣି ମୁଖୋପାଧ୍ୟାୟ, ବାବୁ ନୃସିଂହଚନ୍ଦ୍ର ମୁଖୋପାଧ୍ୟାୟ ଓ ପଣ୍ଡିତ ଗୁରୁଚନ୍ଦ୍ରଚନ୍ଦ୍ର ଶାସ୍ତ୍ରୀ ।

———o※o———

( ପ୍ରେରିତ )

ଆମ୍ବର କଥା ।

ଆମ୍ବାଗୁଡ଼ିକରୁ ଜାତି ବୃକ୍ଷର ଫଳ, ମୂଳଫଳ-ଠାରୁ ଅଦ୍ଭୁତ ଓ ସ୍ୱାଦୁ ବଳକ୍ଷଣ ପ୍ରାପ୍ତ ହୁଏ ବୋଲି, ବର୍ତ୍ତମାନ ଜଳମୟ ଉଦ୍ଭାବକ ହୋଇ ଅଛୁ ଜନ୍ତୁ ଭଳମଭଳରେ ଅଧିକପରିମାଣରେ ଆମ୍ବ ଫଳେ ନାହିଁ, ଏପରି ଅନେକ ସ୍ଥଳରେ ଭୂମିର ସ୍ୱଭାବ, ମାଳର ବେଭଳ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଦୋଷ ମଧ୍ୟ ଉଠଇ ନାହିଁ । ଏଣୁ ଯେ ଉଦ୍ୟାନ ସ୍ୱାମୀମାନେ ବିଶେଷ ଯତ୍ନ କରନ୍ତି । ଅନେକମାନେ ଝାଡ଼ିଆଡାଳ ବୃକ୍ଷରେ ମୂଳର ଅନୁରୂପ ଆମ୍ବ ଜନ୍ମାଇବାର ଚେଷ୍ଟା କରନ୍ତି କୃତକାର୍ଯ୍ୟ ହୋଇଅଛନ୍ତି । ଏବର୍ଷ ଆମ୍ବକୁ ଶ୍ରେଷ୍ଠ ଏହୋଇଛି ଗୋଟି ବୃକ୍ଷରେ ମୂଳର ସଦୃଶ ଫଳ ହୋଇଅଛି । ସାଧାରଣଙ୍କର ଅବଗତି ନିମିତ୍ତ ନିମ୍ନରେ ଉପାୟ ଲେଖିଲୁଁ ।

୧ମ । ଯେଉଁ ଜାତିର ଆମ୍ବର ଗଛ ଜନ୍ମାଇବାର ଇଚ୍ଛା ହେବ, ଭାହିଁରୁ ୮୧୦ ଗୋଟି ଡାଳର ଉଭୋଥିବ ସୁପକ୍ୱ ଆମ୍ବ ବାଛି ନଇ ବସ୍ତୁଦ୍ୱାରା ଖୋସା ଓ ଉପରୁ ପୃଥକ୍ କରି ଟାକୁଆଗୁଡ଼ିକ କୌଣସି ଅବୃତ ସ୍ଥାନରେ ସୁରକ୍ଷିତ ରଖିବ । ଦଶଦିନରୁ ପନ୍ଦର ଓ ଏକମାସରୁ ଅଧିକ ନ ହେବ ଏହିପରି ଛାଇରେ ଟାକୁଆ ଶୁଖାଇବାକୁ ହେବ । ପରେ କୌଣସି ସ୍ଥାନର ମୃତ୍ତିକା ପଶୁ ଦ୍ୱାରା ଅତ୍ୟନ୍ତ ଖନନ କରି, ତାହାଉପରେ ଟାକୁଆଗୁଡ଼ିକ ପକାଇବାକୁ ହେବ ଯେପରି ଟାକୁଆର ଉପରିଭାଗ ଭଳହ ଭଳ ହୋଇଥିବ ।

୨ । ଭୂମିରେ ପକାଇବାର ୬।୮ ଦିନପରଠାରୁ ପ୍ରତ୍ୟହ ସୂର୍ଯ୍ୟୋଦୟପୂର୍ବେ ଓ ସୂର୍ଯ୍ୟାସ୍ତପରେ, ଉତ୍ତମରୂପେ ଦେଖିବାକୁ ହେବ ଯେ ଟାକୁଆ ଫାଟିଅଛି କି ନା । ଏ କାର୍ଯ୍ୟନିମିତ୍ତ ଏପରି ଜାତ ବ୍ୟବସ୍ଥାର ଜଣ ଅବଶ୍ୟକ ସହିତରେ ଲକ୍ଷ୍ୟ କରି ଦୃଢ଼ ଦେଖାଯାଏ । ଏହିପରି ପ୍ରତ୍ୟହ ଦେଖୁ ଦେଖୁ ଯେ ଦିନେ କୌଣସି ଟାକୁଆକୁ ସୂର୍ଯ୍ୟାସ୍ତପରେ ଫାଟିବାର ଦେଖାଯିବ, ସେହିକ୍ଷଣେ ତାହାକୁ ସେ ଜମିରୁ ବାହାର କରି ପକାଇବ । ଯେଉଁ ଟାକୁଆରେ ସୂର୍ଯ୍ୟୋଦୟ ପୂର୍ବରେ ଫାଟିବାର ଦେଖାଯିବ ସେହି କେବଳ ଜମିରେ ଥିବ ।

୩ । ଏକବର୍ଷପରେ ଏହି ବୃକ୍ଷଗୁଡ଼ିକ ଉଦ୍ୟାନରେ ଯେ ସ୍ଥଳରେ ରୋପଣ କରିବାକୁ ହେବ ସେ ସ୍ଥଳେ ରୋପଣ କରିବ । ରୋପଣ କରିବା ପୂର୍ବେ ସେହି ବୃକ୍ଷଗୁଡ଼ିକର ମୂଳଚେର କାଟିପକାଇବାକୁ ହେବ । ବୃକ୍ଷଗୁଡ଼ିକ ଉତ୍ତମରୂପେ ଲାଗିଗଲେ ଅର୍ଥାତ୍ ମରିବାର ଆଶଙ୍କା ଦୂର ହେଲେ ପ୍ରତିବର୍ଷ ବର୍ଷାଆରମ୍ଭରେ ମୂଳର ଚୂନ ଗୋଳ କର୍ଷାଜଳ ଖୁଆଇବାକୁ ହେବ, କାର୍ତ୍ତିକମାସରେ ଗୋବର ଖତ ଓ ଚୂନଅଂଶ ମୃତ୍ତିକା ଦ୍ୱାରା ପୂରଣ କରିବାକୁ ହେବ ।

୪ । ଋତୁ ବା ପାଞ୍ଚବର୍ଷପରେ ବୃକ୍ଷଗୁଡ଼ିକ ଫଳିବାର ସମ୍ଭାବନା ହେଲେ ଅଥବା ବସନ୍ତକାଳେ ବୃକ୍ଷର କାଣ୍ଡରେ ବା ଗଣ୍ଠିରେ ଶାଣ୍ଡୁଆ ଦ୍ୱାରା ଗୁଳଅଙ୍ଗୁଳ ପରିମିତ ଦୂର ଅର୍ଥାତ୍ ଉପରର ବକଳ ଉଠାଇବାକୁ ହେବ ଏବଂ ସେହିସ୍ଥାନରେ ମଧ୍ୟ ପଶୁ ନାହିଁ ଜନ୍ତୁ ଗୋମୟ ମୃତ୍ତିକା ସମଭାଗରେ ମିଶାଇ କରି ପ୍ରତିବର୍ଷରେ ପାଟିଦ୍ୱାରା ଉତ୍ତମରୂପେ ବାନ୍ଧିବାକୁ ହେବ, ଏହିପରି କେବଳ ପ୍ରଥମ ଦୁଇବର୍ଷ କରିବାକୁ ହେବ । ଏହି ପ୍ରଣାଳୀରେ ଟାକୁଆରୁ ଗଛ ଜନ୍ମାଇଲେ ତାହାର ଫଳ ମୂଳର ସଦୃଶ ନିଶ୍ଚୟ ହେବ । ସାଧାରଣ ପରୀକ୍ଷା କରନ୍ତୁ ଏହି ଆମ୍ଭର ପ୍ରାର୍ଥନା ।—ହିତବାଦୀ

## ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ ।

କ୍ଷୀରିରେ ମିଃ ନ, ହ୍ୱିଲେବୁଲ୍ ବାଲେଶ୍ୱର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ କଟକାଭ ନିମନ୍ତେ ନିଯୁକ୍ତ ହୋଇଅଛନ୍ତି ।

ଅତିରିକ୍ତ ଆସିଷ୍ଟାଣ୍ଟ ଓ ଜେଲର୍ ଗଢ଼ ଶାସନର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବାବୁ ଦେବେନ୍ଦ୍ରନାଥ ଗୁପ୍ତ, ମିଃ ଶାନ୍ତେଶ୍ୱରଲୀଭ ଗୁପ୍ତ, ବାବୁ କୁଞ୍ଜବିହାରୀ ଗୋସ୍ୱାମୀ ଓ ମିଃ ସର୍ଦ୍ଦାର ହୋସେନ ଓ ବାବୁ ଯୋଗେଶ୍ୱର ଦାସଙ୍କ ଓ ବାବୁ ଉପେନ୍ଦ୍ର ମହାନ୍ତି ଅଧିକରେ, ଓ ବାବୁ ବ୍ରଜମୋହନ ଜାମ୍ବୁବାନ ପ୍ରଥମରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

କାଲେକ୍ଟରର ଆଃ ଡେପୁଟି କର୍ମଚାରୀ ମିଃ ଭଡ଼ଧନ, ବ, ୫ମାହ ସପ୍ତ ବା ୮ ଦିନ ଠାରୁ ଛୁଟିଦିନ ଛୁଟି ଦେଇଅଛନ୍ତି ।

କଟକର ଜେଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ରାସବିହାରୀ ନାୟକ ପୌରିଡ଼ାପାଇ ବାର୍ଷିକ ଛୁଟିର ଖ ୧୧୦ ଯାନୁଆରୀ ଯାଏଁ ପ୍ରାପ୍ତ ହୋଇଅଛନ୍ତି ।

କଟକର ସବ୍ ଜେଲ କଲେକ୍ଟର ବାବୁ ପରମେଶ୍ୱର ସିଂହ ୧୮୯୫ ସାଲ ଖ ୧୦ ଜାନୁଆରୀ ପର୍ଯ୍ୟନ୍ତ ଛୁଟିପାଇ ପରିବର୍ତ୍ତନ ପଦରେ ପୁନଃ ଜେଲ କଲେକ୍ଟର ହୋଇଅଛନ୍ତି ।

ପୋଲିସର ସବ୍ ଇନ୍‌ସ୍ପେକ୍ଟର ପରୀକ୍ଷା ଉତ୍କଳରେ ତା ୨୦ ଓ ୨୧ ଦିନରେ ଆରମ୍ଭ ହେବ । କାର୍ଯ୍ୟ ହେବା ନିମନ୍ତେ ପାଞ୍ଚଗୋଟି କାର୍ଯ୍ୟ ବାଛିଅଛି ।

ବର୍ଣ୍ଣପ୍ରକାଶଶାସ୍ତ୍ରର ସମ୍ବନ୍ଧ ଅଧିବେଶନ ଆସନ୍ତା ତା ୧୧ ଦିନରେ କଲିକତାଠାରେ ହେବ । ସଭ୍ୟମାନଙ୍କ ଉପସ୍ଥିତ ହେବା ନିମନ୍ତେ ନିମନ୍ତ୍ରଣ ପତ୍ର ଯାଉଅଛି ।

କଲିକତା ନିକଟ ବଜବଜ ଘୋଡ଼ାକାରଖାନାରୁ ମଜୁରି-ମାନେ ଅଧିକ ମଜୁରି ପାଇଁ ମେଳ କରିଥିବା କଥା ପାଠକମାନେ ଜାଣନ୍ତି । ବର୍ତ୍ତମାନ ଅବସ୍ଥା "ହେଲୁ ସେମାନେ ଯେତେ କାର୍ଯ୍ୟ ଫେରି ଆସିଅଛନ୍ତି ମାତ୍ର ମେନେ" କହନ୍ତି ଗୋଷ୍ଠାମତେ ସେମାନେ ଏକଷ୍ଟ୍ରାଇକର ମୂଳ ଭଞ୍ଜଦେଲେ ।—ଏପରିରେ ମଜୁରିମାନେ କେତେକର ପରି କରନ୍ତି ଗାଉ ଆସ୍ଥେରେ ଉପାର୍ଜ୍ଜିତ ମଳ ନଷ୍ଟ ହୁଏ ।"

ଉଭୟଙ୍କା ଅକ୍ରମଣରୁ କ୍ଷୁଦ୍ରମଣକାଳେଲ ନାମକ ଏକ ଜାହାଜ ସାଢ଼ୀ ଗୋଟ ଲିଥୁକରୁ ଯାଉଥିବା ବାଟରେ ଗତମାସ ତା ୧୬ ଦିନ ଅଙ୍ଗ୍ଲେଣ୍ଡରେ ଖଣ୍ଡିଏ ପଥରରେ ଏକ ଜାହାଜରେ ଧକ୍କା ଲାଗି ମାତ୍ର ଲଞ୍ଚ ମଧ୍ୟରେ ବୁଡ଼ିଗଲା । ଉକ୍ତ ଜାହାଜରେ ୧୪୬ ଜଣ ଲୋକ ଥିଲେ ସେ ସେହି ମାନଙ୍କ ମଧ୍ୟରୁ ୭୩ ଜଣ ସ୍ତ୍ରୀ ଅଙ୍ଗ ସମସ୍ତ ପ୍ରେମରେ ବୁଡ଼ି ମରିଅଛନ୍ତି ।

ଏତ ଜୁନମାସ ମଧ୍ୟଭାଗରେ ଜାପାନଦେଶରେ ଭୟାନକ ଭୂମିକମ୍ପ ହୋଇଥିଲା । ଏହି ଭୂମିକମ୍ପ ଯୋଗେ ସମୁଦ୍ର ପାଣି ଉପରକୁ ମାଡ଼ିଆସି ଗ୍ରାମ ଓ ଅନେକ ଅନେକ ନଗର ଏକାବେଳକେ ନଷ୍ଟ କରିଦେଇଅଛି । ଅନ୍ୟୁନ ଦଶସହସ୍ର ଲୋକ ଏତଦ୍ଦ୍ୱାରା ନଷ୍ଟ ହୋଇଥିବାର ଜଣାପଡ଼ୁଏ ।

ପର୍ଲାଖେମୁଣ୍ଡି ଲୋକଠାରେ ଅନେକ ଶାଳ ମଞ୍ଜର ହୋଇ ନାହିଁ । ଅନେକସ୍ଥଳେ ଲୋକ ସହର ଛାଡ଼ି ଦଂଶତ୍ରସ୍ତ ଅବସ୍ଥା ଭୋଗୁଅଛନ୍ତି ।

ଭୂମିକମ୍ପରେ ଜୀବନ କୌଣସି ଯତ୍ନ ହୋଇଥିବା କଥାରୁ ଠାକ ପ୍ରକାଶ ଜଣାପଡ଼ୁ ମହୋଦୟ କର୍ଣ୍ଣେଲ ଜଣଙ୍କ ଅସ୍ୱୀକାର କରିଅଛନ୍ତି ମାତ୍ର ଭୂମିଟା ମାନୁଷ୍ୟ, ଗୁଜରାତରେ ରେଳବାଃ ଜମିଣ ଭଳୁଥିବା କଥାରୁ ସେ ସ୍ୱୀକାର କରିଥିବାର ସନ୍ଦେହ ହୁଏ । ବିଲାତରେ ଅପରାଧୀମାନେ ରେଳବାଃ ଜମିଣ ହୋଇପାରେ କି ?

ଲୋକମାନଙ୍କ ଅବସ୍ଥା କହିବା ତଥା ଜାଣିବାର ସହଜ ଜଣେ ଦେବକ ଦାଲବା କଟକବର୍ତ୍ତୀ ଗୋଟିଏ ଗ୍ରାମରେ ଗ୍ରାମମାନଙ୍କର ସେ ଗୁଡ଼ ଏକହାଟରେ ଭଣ ଦଶଟା କରୁଥିଲା । ଏଥିମଧ୍ୟରେ ସେ ଜଣକର ଗୋରୁ କେଉଁଠାର କେଶ ଅପଦ୍ଧରେ ସୁଖରେ କରି ନ ଦେଇ ମୀ ୩ ଟ କଠିନ ଅପରାଧ ସହିତ ବାହାସର ଅବସ୍ଥା ପାଇଥିଲା ।—ଏହିରୂ ଭଳି ଅନେକ ଅଛନ୍ତି ।

କଟକଭାର ଉତ୍ତରପାର୍ଶ୍ୱ ଗ୍ରାମର ଗୋଟିଏ ଲୋକର ଘରେ ପଡ଼ିବାରୁ ଉଚ୍ଚବରେ ଗୋଟିଏ ବିଗ୍ରହ ରହିଥିଲା । ସେତେବେଳେ ଡାକ୍ତର ସେଠାରେ ଉପସ୍ଥିତ ହୋଇ ତାହାକୁ ମାରି ଦେବାଧନଙ୍କ ଏବଂ ଲୋକମାନଙ୍କ ସେ ବାହାରୁ ।—ପରମାତ୍ମା ଥିଲେ ଭୟ ନାହିଁ ?

ତୀର୍ଥଯାତ୍ରୀଙ୍କର ମାରୀ ଭୟରେ ସତ୍ୱରଣ କରିବାର ସମ୍ବାଦ ମିଳଇ ।

Digitized by srujanika@gmail.com

କହିଣଅଛି କାଳେ ମାଠାକଲ ସଙ୍ଗେର ଦୋହ ଜମଣି ସନ୍ତୁଷ୍ଟ ହେଉଥିବାର ସମ୍ବାଦ ମିଳଇ । ପୂର୍ବେ ଯେଉଁ ସଙ୍ଗଣ ଶାନ୍ତ ଥିଲ ତାହା ମଧ୍ୟ ବର୍ତ୍ତମାନରେ ମାଇ ହୁଟିଅଛି ।

## ଜଗତସିଂହପୁର ସମ୍ବାଦ ।

ଏ ଅଞ୍ଚଳରେ ଅଶାନୁରୂପ ବୃଷ୍ଟି ହୋଇନଥିବାରୁ କେତୁଡା କାର୍ଯ୍ୟ ଲଗିଅଛି । ସାଧାରଣ ସ୍ୱାସ୍ଥ୍ୟ ମନ୍ଦ ନୁହେଁ ।

ଗତ କେବିଶ ଓ ଚୌଦ୍ଦ ମାସରେ ଉତ୍ତୁଙ୍ଗାଅପୁର ଗ୍ରାମର ଏକ ଖୋଳାର ସ୍ୱଭ ବାଉଁଯାଇ ଯୋଡ଼ିଥିବାର ଦେଖି ଲୋକେ ନନ୍ଦକଳନ୍ଦୁ ବା ଭେଙ୍କଟୋପକୁ ଯେଉଁ ହେଉଥିବାର ସମ୍ବାଦ ଜଣାଇଥିଲେ ।

ଗତ ରାଜସ୍ୱଶାଳି ଉପଲକ୍ଷରେ ଜାମାଷ୍ଟିକ୍ରେଇ ଜାତ ଓ ଗାଈ କେତେକେତେକ ଜଣାଇଥିବା ଅବଧି ସମ୍ପୂର୍ଣ୍ଣରୂପେ ଶେଷ ହୋଇନାହିଁ ।

ଗତ ମୁହରମ ପର୍ବରେ ଏଠି ଜଗତସିଂହପୁର ମୁସଲମାନ ଲୋ କ ଓ ଅଙ୍ଗଣା ଓ ଲୋ ୪ ଓ ତାଜିଆ ବାହାର ହୋଇ ଥିଲ ଉତ୍ସବ ନିମିତ୍ତ ଯେତେବେଳେ ଏକତ୍ର ହୋଇଅଛି ଦେଖି ସଥାକ୍ରମରେ ସକଳ ଉତ୍ସବାଦିର ସାହାଯ୍ୟ କରିଥିଲେ ।

ଏ ଅଞ୍ଚଳର ସୁଲ ସବ୍ ଇନ୍ସ୍ପେକ୍ଟର ବାବୁ ରାଜକୁମାର ଶିକ ହେଡମାଷ୍ଟର ପ୍ରଭୃତିଙ୍କ ସହିତ ଗ୍ରାମରେ ସ୍କୁଲ ଅଧ୍ୟକ୍ଷ ସ୍ଥାପିତ ଅଛନ୍ତି । ବାବୁ ମହାଶୟ ଯେଉଁଠାରୁ, ଧୀର-ପ୍ରକୃତି, ସୁକାର୍ଯ୍ୟକୁଶଳ ଅଟନ୍ତି । ତାଙ୍କ ଯତ୍ନରେ ସ୍କୁଲମାନରେ ଶୋଚନୀୟ ଛାତ୍ରସଂଖ୍ୟା ଓ ସ୍ୱଳ୍ପରେ ଏକ ସ୍କୁଲ ଗ୍ରାମମାନଙ୍କ ଉଦ୍ୟାନସ୍ଥ ଗଠିତ ହୋଇଅଛି । ଅପରେ ଅରୁ ୨୦ ସ୍କୁଲ ସହିତ ଗତଣାଳିସ୍ ପ୍ରତିଷ୍ଠିତ ହେବାର ଆଶା ଅଛି ।

ଅନଂତର ଦୁଃଖର ସହିତ ଲେଖୁଅଛୁ ଯେ ଏ ଅଞ୍ଚଳର ବୃତ୍ତିର ଡର ଛେନେ ସା ଏ ହେବ ବନ୍ଦ ହୋଇ ଭାରତ ହେ ୧୮୯୭ ରଲ୍ଲ ସେ ୧୮ ଲକ୍ଷ ଓଡ଼ିଆଙ୍କ ଅଛିଅଛି ସୁର୍ଯ୍ୟ-ମାସ ଏକ ଉଚ୍ଚ ମହାଜନ ଏହି ତରଫେ ବୃଦ୍ଧ କୃଷ୍ଣ କର-ଥିବାରୁ ଏ ଦଶା ଘଟଅଛି ।

## ଯାଜପୁର ସମ୍ବାଦ ।

ଗତ ସପ୍ତାହଠାରୁ ଏକ ବୃଷ୍ଟି ଅବସ୍ଥ ହୋଇ ଏ ଅଞ୍ଚଳର ସମସ୍ତ ଉଚ୍ଚ ନ ଜମିରେ ବୃଷ୍ଟି ହୋଇ ଉଚ୍ଚତାର ପାଣ୍ଡିଲ ବନ୍ଦ ହୋଇ ପୂର୍ଣ୍ଣ ହୋଇଯାଇଅଛି ଶୀଘ୍ର ବଢ଼ି ଉଚ୍ଚ ନ ଗଲେ ଦାଣ୍ଡିଗଡ଼ ଥାଳଗର କରୁ ଧାନ ନଷ୍ଟ ହୋଇଯିବ ।

ଶ୍ରୀଯୁକ୍ତ ଜଜ ସାହେବ ବାହାଦୁର ଏଠାର ମୁନସଫ ଅଫିସ ପରୀକ୍ଷା କରି ବିଦ୍ୟାଳୟମାନଙ୍କ ମଧ୍ୟରେ ଅସନ୍ତୁଷ୍ଟ ହୋଇଥିବାରୁ ସେ ବିଦ୍ୟାଳୟଙ୍କୁ ଏଥିସଙ୍ଗେ ନୂତନ ମନ୍ତ୍ରଣାକୁ କହିଲ ସଙ୍ଗରେ ନେଇ ଶିକ୍ଷାର୍ଥୀ ବାବୁ ଅସନ୍ତୁଷ୍ଟ ବାବୁ ଏଠାକୁ ସରକାର ଅବେଦନ ଦେଇ ସବାକୁ ଉଦ୍ଦେଶ୍ୟରେ ଅଭଇବାକୁ ଏଠାର ବିଦ୍ୟାଳୟ କାର୍ଯ୍ୟ ଭଲ ଚଳିଲ ହୋଇଅଛନ୍ତି ।

ଗତ ମାସ ପଞ୍ଚମ ସୋମବାରଠାରୁ ମଧ୍ୟରେ ପ୍ରଭୁର ଜନ୍ମସ୍ଥାନ ସବାରୁ ଉଚ୍ଚ ଜମିରେ ସଡ଼କ ତଳେ ସୋମବାରର ସବିରୁତାର ମାସମଧ୍ୟରେ ଏବଂ ଲଣ ଗ୍ରେଟ ଇ ଏକ୍ସାଇଜ ସବଇନସ୍ପେକ୍ଟର ଓ ତାଙ୍କ ଅଧୀନରେ ଏକ-ଜଣ ଜମାଦାର ଓ ୨ ଜଣ ୫ ଟେପ୍ଲେଟ କନଷ୍ଟେବଲ ଗୃହନ୍ତି ହୋଇଥିବେ ଯେମାନେ ଗୋଲାଇ ଓ ମୋଟରଗାଡ଼ିର ତୋ-ସମାନ ସମ୍ପର୍କ ଉତ୍ତର ଦେଉଛନ୍ତି । ବାବୁ ହେମ ଚନ୍ଦ୍ର ମାଳିକ ଏ ଗଜପତିଙ୍କ ପରିବାର ଲେଖକ ଏବ ଶହ ଘରରେ ପ୍ରାୟ ଉଚ୍ଚ ଶିକ୍ଷା ହେବ ଅଛିଅଛି ଏହି ସମୟରେ ୯ ଜଣ ଜଣାଇଦେଲ ବୃନ୍ଦାବନ ସେବକ ଶ୍ରେଣୀର ଉପ

ପ୍ରଥମ ଦେଇଥିବାରୁ ଏକ ହୃଦୟ ଜଳର ମନ୍ଦିରମାନରେ ସେ-ମାନେ ବସ୍ତ ଗ୍ରାହ୍ୟ ହୋଇଅଛନ୍ତି ।

ଅନ୍ନକାଳ ଜଳ ବଢ଼ି ହେବାରୁ ବାନ ଓ ଜଳବଡ଼ାଇ ଭାତ ଅନେକ ଉଚ୍ଚବର ଏଠାରେ ପହଞ୍ଚିଅଛି ।

ଭୁବନେଲ ସବ୍ଡିଭିଜନ ଶ୍ରୀ ବାବୁ କଂସରୋଜ ଦାସ ଗତ ଜୁଲାଇ ତା ୨୪ ରିଖ ବୁଧବାର ଦିନରେ ବାହାରେ ବନ୍ଧବ ସ୍ଥାନ ଜରିପିବାକୁ ତାଙ୍କର ଅନୁପସ୍ଥିତ ସମୟ ମଧ୍ୟରେ ସବଡିଭିଜନ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବାବୁ ମନମୋହନ ଚକ୍ରବର୍ତ୍ତୀ ଡେପୁଟି କଲେକ୍ଟରଙ୍କ କାର୍ଯ୍ୟ କରୁଥିଲେ ପ୍ରଥମାକ ସହ ଭୁବନେଶ୍ୱରଠାରୁ ଶ୍ରୀଯୁକ୍ତ ନବକିଶୋର ବାବୁ ଏଠାର ଅତି କାର୍ଯ୍ୟ କରୁଅଛନ୍ତି ।

ଏଠା ଡାକ୍ତର ବାବୁ କୃଷ୍ଣମୋହନ ଦାସ ଡାକ୍ତର ବଙ୍ଗ ଦେଶ ଫାଷ୍ଟ ଗ୍ରେଡ ପାସ କରି ଚଳାଇ ହୋଇ ଚିକିତ୍ସା ପାଇବାକୁ ସେ ଅତ୍ୟନ୍ତ ଦୟାଳୁ ଲୋକଙ୍କ ମାନଙ୍କ ଏକ ସେବା ଦେଉଥିବାର ଦେଖିଲ ଅଛ ଏକମାତ୍ର ଏଠାକାର ରସିକ ଦେବତା ୬/ଗୋବିନ୍ଦ ଗୁପ୍ତଙ୍କ ଶ୍ରୀ ଗୋପାଳ ଠାକୁରଙ୍କ ଠାକୁରଘରରେ ଏକ ସ୍ୱତନ୍ତ୍ର ମହୋତ୍ସବ କରନ୍ତି ସ୍ଥାନମାନଙ୍କ ଓ ନବସ୍ଥାପିତ ଲୋକମାନଙ୍କୁ ପ୍ରସାଦ ସେବା କରାଉ ଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ ।

---

ଶ୍ରୀମାନ୍ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ ।

ମହାଶୟ ।

ନିମ୍ନଲିଖିତ କେତେକ ପଂକ୍ତି ଆପଣଙ୍କ କାଗଜ ଖଣ୍ଡରେ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ ।

ଗତ ମାସ ଅନ୍ତର୍ଗତ ପାର୍ଲାଖେମୁଣ୍ଡି ନଗରରେ ଉତ୍କଳ ପ୍ରବାନ୍ଧବର୍ଦ୍ଧନୀ ନାମରେ ଗୋଟିଏ ସଭାର ପ୍ରତିଷ୍ଠିତ ଥିବାର ଆପଣଙ୍କ ପାଠକମାନଙ୍କ ଅଗୋଚର ନୁହେ ଉକ୍ତ ସଭାର ଦ୍ୱିତୀୟ ବାର୍ଷିକ ଅଧିବେଶନ ଉତ୍ସବ ଗତ ତା ୨୧ ରିଖ ରବିବାରଦିନ ମହା ସମାରୋହରେ ହୋଇଯାଇଅଛି, ଉକ୍ତ ଉତ୍ସବ ଏଠାର ଉତ୍କଳବାଳକା ବିଦ୍ୟାଳୟରେ ସ ୪-୩୦ ମିନିଟ ସମୟରେ ଆରମ୍ଭ କରା ଯାଇଥିଲ । ଏଠାର ଦ୍ୱିତୀୟ ରାଜକୁମାର ଶ୍ରୀ ପଦ୍ମନାଭ ନାରାୟଣଦେବ ମହାରାଜା ଏବ ସବ ଉତ୍କଳ, ତେଲିଙ୍ଗା ଓ ମୁସଲମାନ ଭଦ୍ରବ୍ୟକ୍ତି-ମାନେ ଏବ କଲେଜର ଛାତ୍ରବୃନ୍ଦ ଉପସ୍ଥିତ ଥିଲେ । ଗଞ୍ଜାମ-ଉତ୍କଳ-ଭୂଷଣଭୂତ ବାବୁ ଶ୍ୟାମସୁନ୍ଦର ରାଜଗୁରୁ ବି, ଏ, ଉକ୍ତ ସଭାର ଅସାସନ ଗ୍ରହଣ କରିଥିଲେ । ସେ ପ୍ରଥମେ ଦୈବ ପ୍ରାର୍ଥନା ଶେଷ ହେବାବାଦ ସମ୍ପାଦକ ସଭାର ବାର୍ଷିକ ବିବରଣୀ ପାଠ କରିଥିଲେ ତତ୍ପରେ କେତେକ ବାଳକଙ୍କୁ କେତେଖଣ୍ଡ ପୁସ୍ତକ ଉପ

ହାର ପ୍ରଦାନ କରାଯାଇଥିଲା ସେ ଉକ୍ତସ୍ଥ ସଭ୍ୟ କେତେ ଇଂରାଜ ଓ ଉତ୍କଳଭାଷାରେ ଉପନ୍ୟାସ ଏବ ବକ୍ତୃତାମାନ ଦେଇଥାଇଥିଲେ, ତତ୍ପରେ ଶ୍ରୀ ମହାବୀର ଅଂକେଶ୍ୱରଙ୍କ ଓ ତମ୍ପ୍ର ଏ ଉକ୍ତଙ୍କ କଥୋପକଥନ, ଏବ ଅତଏବ ବାହାକ ବିଷୟରେ ଗୋଟିଏ ସୁଅଙ୍ଗ ଖେଳା ହୋଇଥିଲା ତମଧ୍ୟ ବତ୍ତୁ ବ୍ୟକ୍ତି ମାନଙ୍କରୁ ବାବୁ ଅଯୋଧ୍ୟାପ୍ରସାଦ ପଣ୍ଡା 'ବାଳକା ବିଦ୍ୟା' ବିଷୟରେ ଉତ୍କଳଭାଷାରେ ଓ ବାବୁ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଉପନ୍ୟାସ ଓ ଉତ୍କଳ ସୁଅଙ୍ଗ ବିଷୟରେ ବେଶ୍ ଉତ୍ତମ ବକ୍ତବ୍ୟ ପ୍ରକାଶ ପୂର୍ବକ ବକ୍ତୃତା ଦେଇଥିଲେ, ସର୍ବଶେଷରେ ସଭାପତି ମହାଶୟ ସୋପାନ ମନୋହର ଉତ୍ସାହଜନକ, ଉତ୍କଳ-ମଙ୍ଗଳ ସାଧନ ବିଷୟରେ ଏବ ଛାତ୍ରମାନଙ୍କ ଗ୍ରଛ କରିବାରେ ସେହିଁ ଯାଉ ଗର୍ଭ ବକ୍ତୃତା ପ୍ରକାଶ କରିଥିଲେ ତାହା ସମସ୍ତ ଶ୍ରୋତାଙ୍କ ମନ ହରଣ କରିଥିଲା, ପରମପିତା ପରମେଶ୍ୱରଙ୍କ କାର୍ତ୍ତି ଗାଇ ଧନ୍ୟବାଦ ଅନନ୍ତ ବାଦ୍ୟର କରତାଳିର ସଭାର ପ୍ରାୟ ସ ୮ଟା ସମୟରେ ଭଙ୍ଗ ହେଲା । ଇତି ।

ପାରଲାଖେମୁଣ୍ଡି ୨୭।୬।୯୭ } ବଶମ୍ବଦ ଶ୍ରୀରଘୁନାଥ ଗୁରୁ ପାଣିଗ୍ରାହୀ

---

ମହାଶୟ ।

ନିମ୍ନଲିଖିତ କେତେ ବିଷୟ ପତ୍ର ଆପଣଙ୍କ ପତ୍ରିକାର ଏକକୋଣରେ ସ୍ଥାନ ପ୍ରଦାନ କରିଲେ ଆପଣଙ୍କ କୃତଜ୍ଞତା ଆପଣଙ୍କ ଅବଶ୍ୟ ହେବ ।

ଏଠାର ଇଂରେଜବାଦ୍ୟ ଭକ୍ତି ସମ୍ବଳପୁର ହିତୈଷିଣୀରେ ଯେଉଁ 'ପଦାଙ୍କଜନିତ ହିତୈଷିଣୀ' ବିଜ୍ଞାପନ ବାହାରିଥିଲା ତାହା ପାଠ କରି ଉକ୍ତ ପତ୍ରିକାର ମାଲିକଙ୍କ ନିକଟରୁ ତାହା-ଙ୍କ ଅନ୍ୱେଷଣରେ ଅନେକ ପ୍ରାୟ ଜମା ହେବ ଏବ ଟଙ୍କା ମନିଅର୍ଡର କରିଥିଲେ, ଉକ୍ତ ଟଙ୍କା ସେ ସମ୍ପାଦକ ମହାଶୟ ପ୍ରାପ୍ତ ହୋଇଥିବାପରେ ତାହାଙ୍କ ସ୍ୱାକ୍ଷର ସହ ଏହି ଉକ୍ତ ମହାଶୟ ଯୋ-ଗ୍ୟ ରସିଦ ପାଇଅଛନ୍ତି । ମାତ୍ର ଦୁଃଖର ବିଷୟ ଏହି ଓ ୯୧ ଅତିବାହିତ ହେଲା ଉକ୍ତ ହିତୈଷିଣୀ ପତ୍ରିକା ପାଉନାହାନ୍ତି । ଉକ୍ତ ବିଷୟରେ ଦେଖ ଗ୍ରହଣ କରିଥିଲେ ମଧ୍ୟ ଉତ୍ତର ପ୍ରଦାନ କରୁ-ନାହାନ୍ତି, ଏଥିର ମର୍ମ ମୁଁ କଛି ବୁଝିପାରୁ ନାହିଁ । କେଉଁଠି ହିତୈଷିଣୀ ସମ୍ପାଦକ ଏପରି ମିଥ୍ୟା ବିଜ୍ଞାପନ ପ୍ରକାଶ କରି ନ ହେବାରେ ପ୍ରତିଜ୍ଞା ଗ୍ରହଣ କରୁଥାନ୍ତି, ପାଠକବର୍ଗ । ଲୋକେ ସବ ଏପରି ଅନ୍ୟାୟ କର୍ମ କରିବାରେ କୁଣ୍ଠିତ

Digitized by srujanika@gmail.com

Split by PDF Splitter



ନ ହୋଇ କେବଳ ଅସ୍ତ୍ରରେ ଦୁଃଅନ୍ତି, ତେବେ ସେ ଉପାୟ ! ଇତି ।

ପାରଣାଶ୍ରିମୁଣ୍ଡି । } କେହି
ତା ୨୬ରଖ ଜୁନ ୧୮୯୬ମସିହା } ଶୋଭା !

ଶ୍ରୀ ମାର୍କଣ୍ଡେୟ ତୀର୍ଥ ଜଳ ପଣ୍ଟାଗଣୀ ସଭା ଅଷ୍ଟମ ଅଧିବେଶନ ୨୫।୬।୯୬ ସାଲ ସୋମ ବାର—

କଟକ [illegible] ଉତ୍କଳଦୀପିକାର ସମ୍ପାଦକ ମହାଶୟ ସବିନୟ ନିବେଦନ—

ମହାଶୟ !

ଗତ ଜୁନମାସ ତା ୧୪ରଖ ଠାରୁ ତା ୨୦ ରଖ ଯାଏ ଏ ସଭାର ଆମଦାନୀ ଜମା ଟ ୬୦୮୵୯ ମଧ୍ୟରୁ ଖରଚ ଟ ୮୬୵୨ ଯାଇ ବାକି ଟ ୪୨୨।୯ ଅଛି—

ଏ ସପ୍ତାହ ମଧ୍ୟରେ ପାଞ୍ଚଟଙ୍କା ଓ ତହିଁରୁ ଊର୍ଦ୍ଧ୍ୱ ଚାନ୍ଦାଦାତାଙ୍କ ନାମ ଲେଖିଲି ମାଫ କେ ହୋଇଅଛୁ ଅପଣଙ୍କ ଜଗତ୍‌ବିଖ୍ୟାତ ସପ୍ତାହିକ ପତ୍ରିକାରେ ସ୍ଥାନ ଦାନ କରି ଚିରବାଧିତ କରିବା କେବେ ।

| ଚାନ୍ଦାଦାତାଙ୍କ ନାମ | ଦସ୍ତଖତ | ଉସୁଲ | ବାକି |
|---|---|---|---|
| ଶ୍ରୀମନ୍ତ ଜଗବନ୍ଧୁ ଦାସ | ଟ ୨୦ | ଟ ୧୫ | ଟ ୫ |
| ଶ୍ରୀ ଦାମୋଦର ମିଶ୍ର | ଟ ୧୦୦ | ଟ ୦ | ଟ ୧୦୦ |
| ଶ୍ରୀ କେଳୁମିଶ୍ର | ଟ ୧୦ | ଟ ୦ | ଟ ୧୦ |
| ଶ୍ରୀ ନରସିଂହଚରଣ ମହାନ୍ତି | ଟ ୫ | ଟ ୦ | ଟ ୫ |
| ଶ୍ରୀ ରଘୁନାଥ ମହାନ୍ତି | ଟ ୫ | ଟ ୦ | ଟ ୫ |
| ଶ୍ରୀ ଗୋପୀନାଥ ପଟ୍ଟନାୟକ | ଟ ୫ | ଟ ୦ | ଟ ୫ |
| ଶ୍ରୀ ଯୋଗେନ୍ଦ୍ରନାଥ ଦତ୍ତ | ଟ ୧୦ | ଟ ୦ | ଟ ୧୦ |
| ଶ୍ରୀ ଅଧିକାରୀ ଗୋପୀନାଥ ଦାସ | ଟ ୫ | ଟ ୫ | ଟ ୦ |
| ମୋଟ | ଟ ୧୬୦ | ଟ ୨୦ | ଟ ୧୪୦ |

ଆପଣଙ୍କର ଅଧୀନ
ଶ୍ରୀ ଭାଗବତ ପଟ୍ଟନାୟକ
ସମ୍ପାଦକ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ରଜା । ବ । ନରସିଂହମର୍ଦ୍ଦ | | ଟ ୩ |
| ବାବୁ ଉପେନ୍ଦ୍ରନାଥ ସିଂହ | କଟକ | ଟ ୧ |
| ମହନ୍ତ ପଟ୍ଟନାୟକ | ସମ୍ବଲପୁର | ଟ ୩ |
| ବାବୁ ଦଶରଥ ସାହୁ | କଳହଣ୍ଡି | ଟ ୩ |
| " ରାଜକିଶୋର ଦାସ | ବାଲେଶ୍ୱର | ଟ ୧ |
| " ମଧୁସୂଦନ ବାନାର୍ଜୀ | କଟକ | ଟ ୩ |

## ବିଜ୍ଞାପନ ।

### "ପାଠକମାନଙ୍କ ନିକଟରେ ନିବେଦନ।"

ଚୌଧୁରୀ ବଜାର ମିଉନିସିପାଲିଟୀ ହାଟ ମଧ୍ୟରେ କଣ୍ଟାଦାର ଦେଖି ଅମ୍ଭେ ଜାଲି ଖୁଦ୍ରକର କାରବାର କରୁଅଛୁଁ ମୋଫସଲ ବାବୁମାନଙ୍କ ଅମ୍ଭ ନିକଟ ଯେ କୌଣସି ମାଲ ଖରିଦ ଦରକାର ହେଲେ ତାହା ବଜାର ଦରରେ କ୍ରୟ ବିକ୍ରୟ କରାଇ ଦେବାକୁ ପ୍ରସ୍ତୁତ ଅଛୁଁ ଅମ୍ଭ ବହୁତ ଥରେ କାରବାର କରି ଲାଭ ଜାଣିବା କାରଣ ସର୍ବସାଧାରଣଙ୍କୁ ଅନୁରୋଧ କରୁଁ ।

କଟକ } ଶ୍ରୀ ଅଭୟଚରଣ ଘୋଷ ।
୮।୭।୯୬ }

## ନୂତନ ! ନୂତନ ! ନୂତନ !

ଅମ୍ଭମାନଙ୍କ କମିଶନର ମାନନୀୟ
ଦତ୍ତ ସାହେବଙ୍କ

### ସଚିତ୍ର ଜୀବନଚରିତ ।

ଓଡ଼ିଆ ଭାଷାରେ ଏହି ଏକମାତ୍ର
ଜୀବନ ଚରିତ ।
ଏକମାତ୍ର ସଚିତ୍ର ପୁସ୍ତକ ।
ପ୍ରତିମୂର୍ତ୍ତି ଅତ୍ୟୁତ୍କୃଷ୍ଟ ।
କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ପୁସ୍ତକାଳୟରେ
ବିକ୍ରୟାର୍ଥ ଅଛି ।
ମୂଲ୍ୟ ଟ ୦।୵
ଡାକମାସୁଲ ମୂଲ୍ୟ ଟ ୦।

## ବିଜ୍ଞାପନ ।

କଟକ ଟ୍ରେନିଂ ସ୍କୁଲ ବାଳିକାବିଦ୍ୟାଳୟର ପ୍ରଧାନଶିକ୍ଷକପଦ ଶୂନ୍ୟ ହୋଇଅଛି । ମାସିକ ବେତନ ଟ ୨୫ ଙ୍କା । ଜଣେ ବୟସ୍କ, ସଚ୍ଚରିତ୍ର, ସୁଦକ୍ଷ ଶିକ୍ଷକ ଆବଶ୍ୟକ । ପ୍ରାର୍ଥୀମାନେ କାର୍ଯ୍ୟଦକ୍ଷତା ଓ ସଚ୍ଚରିତ୍ରତାର ସାର୍ଟିଫିକେଟ ସହିତ ବୟସ ଉଲ୍ଲେଖ ପୂର୍ବକ ତା ୨୦ ରଖ ଜୁଲାଇ ମଧ୍ୟରେ ଅମ୍ଭନିକଟକୁ ଆବେଦନପତ୍ର ପ୍ରେରଣ କରିବେ । ଯେଉଁମାନେ ବଙ୍ଗଳା ଓ ଓଡ଼ିଆ ଛାତ୍ରବୃତ୍ତିର ପାଠ୍ୟବିଷୟସବୁ ପଢ଼ାଇବାକୁ ସମର୍ଥ ଅଟନ୍ତି ଏବଂ ଇଂରାଜୀ ଲେଖିପଢ଼ି ପାରନ୍ତି, ସେମାନଙ୍କଛଡ଼ା ଅନ୍ୟ କାହାର ଆବେଦନ କରିବା ଅନାବଶ୍ୟକ ।

କଟକ } ଶ୍ରୀ ଉମେଶଚନ୍ଦ୍ର ବସୁ
୨।୭।୯୬ } ସମ୍ପାଦକ

ଅମ୍ଭର ନକେଲ ଶ୍ରୀ ମଦନମୋହନ ପଣ୍ଡା । ସା । ଭଦ୍ରକ । ପ୍ର । ଧାମନଗର ମୁସ୍ତଫାଙ୍କ ନାମରେ ସହର ବୈରାଗୀ ଓ ଗଙ୍ଗାଧର ବୈଷ୍ଣବ । ସା । ବୃନ୍ଦାବନପଡ଼ା । ପ୍ର । ଯାଜପୁର ବାସୀଙ୍କ ଲେଖିଦିଆ ହୋଇ ଗ୍ରାମ । ପ୍ର । ଭଦ୍ରକ ଓ ଗେର ମୌଜା ସ୍ଥିତ ସେମାନଙ୍କ ଅଂଶ ଜମିଦାରୀର ସନ ୧୨୯୬ ସାଲ ଅଷାଢ଼ ମାସ ୨୯ ନ ଲେଖିତ ରେଜିଷ୍ଟ୍ରି କବାଲା ନ ୧ ତା ଓ ଉକ୍ତ ମଦନମୋହନ ପଣ୍ଡାଙ୍କ ଲେଖିଦିଆ ନାଦାବୀ ମାହାଲ୍ ଓଃ ଙ୍କ ନାମର ଖମଜାପତ୍ର ନ ୧ ତା ଏରୂପ ନ ୨ ତା ଦଲିଲ ଗତ ଜୁନ ମାସ ତା ୨୭ ରଖରେ କଟକ ଚୌଧୁରୀବଜାରଠାରୁ ବକ୍ସିବଜାର ପର୍ଯ୍ୟନ୍ତ ରାସ୍ତାରେ ହଜି ଯାଇଅଛି ଯଦି କେହି ଉକ୍ତ ଦଲିଲ ପାଇଥିବେ ସେ ଅମ୍ଭଠାରୁ ସମ୍ବାଦ ଦେଲେ ଅମ୍ଭେ ତାଙ୍କୁ ଟ ୫ ଙ୍କା ପୁରସ୍କାର ଦେଇ ଦଲିଲ ଗ୍ରହଣ କରିବୁଁ ।

ତା ୨।୭।୯୬ } ଶ୍ରୀ ଦୟାନିଧି ... ସ୍ୱାଇଁ
ଯାଜପୁର } ମୋକ୍ତାର
ଯାଜପୁର ସବଡିଭିଜନ
କଚେରୀ ।

## ନୂତନ ଛପା ହୋଇଅଛି

### ସଚିତ୍ର ଶ୍ରୀ ଜଗନ୍ନାଥମେଳା

ବାବୁ ଜାନକୀପ୍ରସାଦ ମିତ୍ରଙ୍କଦ୍ୱାରା ରଚିତ ଓ କଟକ ପ୍ରିଣ୍ଟିଂକୋମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ
ମୂଲ୍ୟ ଟ ୦୵

## WANTED

A Treasurer for the Puri Collectorate, salary Rs. 65 per mensem. Security required Rs. 10,000 in Promisary notes. Apply to undersigned on or before 16th August.

Puri Collectorate } C. W. Bell
The 29th June 1896. } Offg. Collector

ବଡ଼ମ୍ବା ଜିଲ୍ଲାଗଡ଼ ବାଳିକାବିଦ୍ୟାଳୟ ନିମନ୍ତେ ଜଣେ ଶିକ୍ଷକର ପ୍ରୟୋଜନ ଅଛି ବେତନ ମାସିକ ଦଶ ଟ ୧୦ ଙ୍କା ଯେଉଁମାନେ ମଧ୍ୟମଶ୍ରେଣୀ ବିଦ୍ୟାଳୟର ଶିକ୍ଷକତା ଦକ୍ଷତାର ସହିତ ନିର୍ବାହ କରି ପେନ୍‌ସନ ଗ୍ରହଣ କରିଅଛନ୍ତି ସେମାନଙ୍କ ଆବେଦନ ସାଦରେ ଗୃହୀତ ହେବ ଆବେଦନକାରୀମାନେ ଆପଣା ୨ ଯୋଗ୍ୟତା ଓ ଚରିତ୍ର ସମ୍ବନ୍ଧୀୟ ପ୍ରଶଂସାପତ୍ର ସହିତ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଜୁଲାଇ ମାସ ତା ୧୫ ରଖ ମଧ୍ୟରେ ପଠାଇବେ ।

ବଡ଼ମ୍ବା } ଶ୍ରୀ ମଦନମୋହନ ପଟ୍ଟନାୟକ
୨।୭।୯୬ } ମ୍ୟାନେଜର ବଡ଼ମ୍ବା

Digitized by srujanika@gmail.com

## ବିଶେଷ ଦ୍ରଷ୍ଟବ୍ୟ ଓ ବିଶେଷ ସୁବିଧା ।

ଭୂପେନ୍ଦ୍ରବାବୁଙ୍କ କୋଷ୍ଠୀପ୍ରଦୀପ ଓ ଶ୍ରୀଦଶମ ସ୍କନ୍ଧ ଶ୍ରୀକାସହର ଅଭ ବୃନ୍ଦାବନରେ ମୁଦ୍ରିତ ହୋଇଥିଲେ ସୁଦ୍ଧା ସାଧାରଣଙ୍କ ସୁବିଧା ନିମନ୍ତେ ଆଗାମୀ ଦୁର୍ଗାପୂଜା ପର୍ଯ୍ୟନ୍ତ ଅର୍ଦ୍ଧମୂଲ୍ୟରେ ଅର୍ଥାତ୍ ଟ ୧୯ କାରେ ଦିଆଯିବ । ମୋଫସଲ ନିମନ୍ତେ ଡାକମାସୁଲ ଅଧିକା ପଡିବ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

## ଥରେ ଦେଖ ।

ଭକ୍ତକବି ରଘୁନାଥ ପଣ୍ଡାଙ୍କୃତ ମନୋମୁଗ୍ଧକର ଗୋପୀନାଥବଲ୍ଲଭ ନାଟକର ୨ୟ ସଂସ୍କରଣ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ସଂଖ୍ୟାକୁ ଟ ୵ ମଫସଲପାଇଁ ଡାକମାସୁଲ ଟ ୵୧୬

## ବିଜ୍ଞାପନ ।



ଓ୍ୱାଚ ଓ କ୍ଳକ୍ ମରାମତି କାର୍ଯ୍ୟ ପୁନଃସ୍ଥାପିତ ହୋଇ ଶୀଘ୍ର ଗ୍ରାହକଙ୍କ କାର୍ଯ୍ୟ ସମ୍ପାଦିବାର ସୁବନ୍ଦୋବସ୍ତ ହୋଇଅଛି; ଯାହାଙ୍କର ପ୍ରୟୋଜନ ହେବ ସେ ଓ୍ୱାଚ ଓ କ୍ଳକାଦି ଏଠାକୁ ପଠାଇଦେଲେ ଜବାବ ମାଗିଲେ ଯାଇ ପାରିବେ । ଇତି ।

କଟକ ପ୍ରିଣ୍ଟିଂ କମ୍ପାନୀ ଅଫିସ ଦରଘାବଜାର କଟକ } ଶ୍ରୀ ଗୌରୀଶଙ୍କର ରାୟ

ସାର୍ଟିଫିକେଟ୍ ପଞ୍ଚଶତ ।

## ଯାଦୁର ଅବ୍ୟର୍ଥ ମହୌଷଧ ।

### ( ବହୁଲୋକଙ୍କ କର୍ତ୍ତୃକ ପ୍ରଶଂସିତ । )

ମୂଲ୍ୟ ପ୍ରତିଡବା ଟ ୦ ।୵ ଛଅ ଅଣାମାତ୍ର ।

ଏହି ଔଷଧଦ୍ୱାରା ସର୍ବପ୍ରକାରର ଦଦ୍ରୁ, ଖୋସ ଅବଶ୍ୟ ଦୂର ହୁଏ ଅଥଚ ଶରୀରରେ ଔଷଧ ଲଗାଇଲେ କୌଣସି ପ୍ରକାର ଜାଳା ଯନ୍ତ୍ରଣା ହୁଏ ନାହିଁ । ବଜାରରେ ଯେଉଁ ଔଷଧ ମିଳୁଅଛି ତାହା ଲଗାଇଲେ ଅଶେଷ ଯନ୍ତ୍ରଣା ଭୋଗିବାକୁ ପଡେ । ଯାଦୁ ରୋଗର ଏପ୍ରକାର ଉତ୍କୃଷ୍ଟ ଔଷଧ ଆଉ ଦେଖାଯାଏ ନାହିଁ । ଶତ ଶତ ବ୍ୟକ୍ତି ନାନାପ୍ରକାର ଚିକିତ୍ସା କରି ଯାଦୁ ରୋଗରୁ ଅବ୍ୟାହତି ନ ପାଇ ମୁକ୍ତକଣ୍ଠରେ ପ୍ରଶଂସାପତ୍ର ଦେଇଅଛନ୍ତି । ଯେଉଁମାନେ ଏହି ଦଦ୍ରୁ ରୋଗରେ ଆକ୍ରାନ୍ତ ସେମାନେ ଅନ୍ତତଃ ଥରେ ପରୀକ୍ଷା କରି ଦେଖନ୍ତୁ । ତତ୍ପରେ କୌଣସି ଫଳ ହେବ ନାହିଁ ଏହା ବାତୁଳ ପ୍ରଳାପ ବୋଲି ଜାଣିବେ । ଏ ଔଷଧର ଅନୁରୂପ ଅନେକ ଗୁଣ ଅଛି ଏହାଦ୍ୱାରା କାଛୁ, କୁଣ୍ଡିଆ, ନାନାପ୍ରକାର ଚର୍ମରୋଗ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି ।

ଔଷଧ ଗ୍ରହଣାର୍ଥୀମାନେ ଆପଣା ନାମ, ଧାମ, ଡାକଘର ଦେଇ ଏବଂ ତାହାର ଭେଲ୍ୟୁ ପେବଲ ଅବଶ୍ୟ ମୂଲ୍ୟରେ ଲେଖିଲେ ଶୀଘ୍ର ଔଷଧ ପ୍ରେରିତ ହୁଏ ।

ଶ୍ରୀ ରାମଲାଲ ସେନ ।
ଦେଶ ଉନ୍ନତି ପ୍ରେସ, ବାଲେଶ୍ୱର

## ସୁବାସିତ ଦ୍ରବ୍ୟ ବିକ୍ରୟ । ।

ନିମ୍ନଲିଖିତ ସୁବାସିତ ତେଲ ପ୍ରଭୃତି କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକଦୋକାନରେ ବିକ୍ରୟ ହେଉଅଛି ମୋଫସଲର ଗ୍ରାହକମାନେ ନଗଦ ଟଙ୍କା ପଠାଇବେ । ଭି, ପି ଏ ଦ୍ରବ୍ୟମାନ ପଠାଯିବ ନାହିଁ । ପ୍ୟାକିଂ ନିମନ୍ତେ ଟ ୦ ୵ ଅଧିକ ପଠାଇବାକୁ ହେବ ।

| | | | |
|---|---|---|---|
| ସୁବାସିତ କୁନ୍ତଳୀନ | ୧ | ଶିଶି ୵ | ଟ ୧ |
| ପଦ୍ମଗନ୍ଧ | ,, | ୧ ,, | ଟ ୧୲ |
| ଗୋଲାପତେଲ | ,, | ୧ ,, | ଟ ୵ |
| ଲ୍ୟାଭେଣ୍ଡରଓ୍ୱାଟର | ବଡ଼ଶିଶି | | ଟ ୦୲୵ |
| ,, ଏଜନ | ଛୋଟଶିଶି | | ଟ ୦ ୲୵ |
| କସ୍ତୁରୀଲ୍ୟାଭେଣ୍ଡର | ବଡଶିଶି | | ଟ ୧୲ |
| ଇଉଡିକଲୋନ | ଛୋଟଶିଶି | | ଟ ୦୲ |
| ଏଜନ | ବଡ ,, | | ଟ ୦ ୲ |
| ଫ୍ଲୋରିଡା ଓ୍ୱାଟର | | | ଟ ୦ ୲୵ |
| ଏସେନସ | | | ୵ ୧ ୧ |

CHEAP ! CHEAP ! CHEAP !

**SCHOOL BOOKS.**

Prescribed for the Collegiate school and H. E. schools.

JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।

ମାଇନର, ଏଣ୍ଟ୍ରାନ୍ସ, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀ ସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ୍ୱାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଲେଶରେ ପାଇପାରିବେ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭ | ଟ ୲ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୦ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଦର ଟ ୦ ୲ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଅର୍ଦ୍ଧେକ ଅନୁଗ୍ରହ ହେବ ଓ ତୁଇମୂଲ୍ୟ ନିଆଯିବ ।

ଅଧିକ ଥର ସକାଶେ ପୃଥକ ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକମାନେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସମ୍ବାଦପତ୍ର ପ୍ରକାଶକ କଟକ ପ୍ରିଣ୍ଟିଂକମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୩୧ ଶ } ତା ୧୬ ଦଶ ମାହେ ଜୁଲାଇ ସନ ୧୮୯୫ ମସିହା । ମୁ । ଶ ୧୮ ନ ଅଷାଢ଼ ସନ ୧୩୦୩ ସାଲ ଶନିବାର । { ଅଗ୍ରିମ ଟ ୩୧
ସଂ ୨୮ ସଂଖ୍ୟା } { ପଶ୍ଚାଦେୟ ଟ ୭


ବର୍ଗୀୟ ବ୍ୟବସ୍ଥାପକ ସଭା ଅଭ ହେଲ ତା ୧୧ ଖ ସମୟରେ କଲିକତାର ସଭାଗୃହ- ରେ ବସିବ । ଏଥିପାଇଁ ଓଡ଼ିଶାର ପ୍ରତିନିଧି ମାନ୍ୟବର ଶ୍ରୀ ମଧୁସୂଦନ ଦାସ ଗତ ବୁଧବାର ଏଠାରୁ ଯାତ୍ରା କଲେ । ସମ୍ପ୍ରତି ମାନ୍ୟବର କଲେକ୍ଟର ବର୍ତ୍ତମାନ କଲିକତାରେ ଅଛନ୍ତି । ସମ୍ଭବତଃ ଏହି ଅଧିବେଶନ ଅଳପକାଳ ଚାଲିଲେ ହେବ ।

କଲିକତାରେ ଯେଉଁ ବେସରକାରୀ ଓଡ଼ିଆ ବିଦ୍ୟାଳୟ ସ୍ଥାପିତ ହେବାର ପ୍ରସ୍ତାବ ହୋଇଥିଲା ତାହା ଗତମାସ ଶେଷ ସପ୍ତାହରୁ ଫିଟିଅଛି ଏବଂ ତହିଁ ନିମନ୍ତେ ୭୦ ହଜାର ଟଙ୍କାରେ କୋଠାଏ କ୍ରୟ କରିବା ହୋଇଅଛି । ତାହାର ଜନବନ୍ଧୁ କିମ୍ବା ଏଥିର ମୂଳ ଉଦ୍ୟୋଗୀ ଏବଂ ସେ ଏହି କଲେଜ ପରିଚାଳକ ସଭାର ସଭାପତି ହୋଇ- ଅଛନ୍ତି । ଅଧ୍ୟାପକମାନେ ଯେପରି ଉତ୍ସାହ ସହିତ କାର୍ଯ୍ୟାରମ୍ଭ କରିଅଛନ୍ତି ତହିଁରୁ ଆଶା ହେଉଅଛି ଯେ ଏହି କଲେଜ କୌଣସି ଅଂଶ ରେ ସରକାରୀ କଲେଜଠାରୁ ଊଣା ହେବ ନାହିଁ ।

ଇଷ୍ଟକୋଷ୍ଟ ରେଲଓଏ କଟକ ପର୍ଯ୍ୟନ୍ତ ଫିଟିଅଛି ଏହିମାସ ମଧ୍ୟରେ ଲବଣେଶ୍ୱର ପର୍ଯ୍ୟନ୍ତ ଫିଟିବ ଏବଂ ମାଲ ଓ ଯାତ୍ରୀ ଗାଡ଼ିମାନ ନିୟମିତ ରୂପେ ଚଳାଚଳ ହେବ । ଏହି ରେଲଓଏ ନାଗପୁରରେ ଶେଷ ହେବାର କଥା ହେଲା । ମାତ୍ର ବଙ୍ଗଳା ନାଗପୁର ରେଲଓଏର କଟକ ଶାଖା ବାରଙ୍ଗଠାରୁ ଆରମ୍ଭ ହେବାର ଶୁଣାଯାଏ । ସୁତରାଂ ଇଷ୍ଟକୋଷ୍ଟ ରେଲଓଏର ଉତ୍ତର ସୀମା ବାରଙ୍ଗ ହେବ ଅଥଚ ଦକ୍ଷିଣରୁ ବିଶାଖ ପଟ୍ଟନ ପର୍ଯ୍ୟନ୍ତ ବେଙ୍ଗଲ ନାଗପୁର ରେଲ କମ୍ପାନୀଙ୍କର ଅଧିକାରରେ ରହିବ । ବିଶାଖପଟ୍ଟନ ଠାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ଇଷ୍ଟକୋଷ୍ଟ ରେଲ ବାଟ ମାନ୍ଦ୍ରାଜ ରେଲକମ୍ପାନୀଙ୍କୁ ଗବର୍ଣ୍ଣମେଣ୍ଟ ପ୍ରଦାନ କରିଅଛନ୍ତି ।

କଏଦୀମାନଙ୍କର ପ୍ରାଣଦଣ୍ଡ ଆଜ୍ଞା ସ୍ଥାନୀୟ ଗବର୍ଣ୍ଣମେଣ୍ଟ ମଞ୍ଜୁର କଲାଉତ୍ତାରୁ ତଦୁପରାନ୍ତ ହାଇ- ମନ୍ କୋର୍ଟରେ କଏଦୀ ଅପିଲ କରିପାରେ କି ନା ଏହି ପ୍ରଶ୍ନ ଉପସ୍ଥିତ ହେବାରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଅଧୁନା ସ୍ଥିରକରି ପୂର୍ବାଳ ଅଦେଶ ଦେଇଅଛନ୍ତି ଯେ କଏଦୀମାନଙ୍କର ସେ ପ୍ରକାର ଅପିଲ କରି- ବାର ଅଧିକାର ଅଛି ଏବଂ ସେମାନଙ୍କର ସେ- ପ୍ରକାର ଆବେଦନ ପତ୍ର ସ୍ଥାନୀୟ ଗବର୍ଣ୍ଣମେଣ୍ଟ- ମାନଙ୍କର ଅଟକାଇ ରଖିବାର ଅଧିକାର ନାହିଁ । ସେପରି ଆବେଦନ ପତ୍ର ପାଇଲେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଅବଶ୍ୟ ଉପଯୁକ୍ତ କର୍ମଚାରୀଙ୍କ ନିକଟକୁ ପଠାଇବେ । ପ୍ରାଣଦଣ୍ଡ ବିଷୟରେ ଯଥା ସାଧ୍ୟ ପ୍ରତ୍ୟକ୍ଷ ଉପଯୋଗ ହେବା ଏକା- ନ୍ତ ବାଞ୍ଛନୀୟ ଏଥିରେ ସନ୍ଦେହ ନାହିଁ ।

ମାନ୍ୟବର କଲେକ୍ଟର ବିଜ୍ଞାପନ ଦେଇ ଅଛନ୍ତି ଯେ ସନ ୧୮୯୫ ସାଲ ମାର୍ଚ୍ଚ ମାସ ତା ୭ ଦିନରେ ଓଡ଼ିଶା ସବାଶେ ସେଉଁ ଜଳ- କର ନିୟମାବଳୀ ଜାରି ହୋଇଅଛି ତହିଁର ପ୍ରଥମ ଶେଡ଼ୁଲରେ ତଳ ଲିଖିତ ବିଷୟ ଯୋଗ କରିବାକୁ ପ୍ରସ୍ତାବ କରିଅଛନ୍ତି ଯଥା

୭—ଆଶ୍ୱିନ ମାସରୁ ଏପ୍ରେଲ ମାସ ତାଂ ୧୫ ଓ ଜୁଲାଇ ତାଂ ୧୫ ଦିନ ମଧ୍ୟରେ ଜଳ ଦେବା ପାଇଁ ମାଣପ୍ରତି ଟ ୫

୮—ଯେତେବେଳେ ସେହି ମୌସୁମର ଏକ ଅଂଶ ନିମନ୍ତେ ଜଳ ଦିଆଯିବ ସେତେବେଳେ ପ୍ରତ୍ୟେକଥର ଜଳ ମଡ଼ାଇବା ନିମନ୍ତେ ମାଣପ୍ରତି ଟ ୧।/ ଏଥିରେ କାହାର ଆପତ୍ତି ଥିଲେ ଶୀଘ୍ର ଜଣା- ଇବେ ।

କଟକ ଟ୍ରେନିଂ ସ୍କୁଲର ଗତ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରମାନେ ,ଉତ୍ତୀର୍ଣ୍ଣ- ହୋଇଅଛନ୍ତି । ଯଥା—

୧ ଗୋବିନ୍ଦ କୁମାର ଘୋଷ    ୨ ପ୍ରହ୍ଲାଦ ମହାନ୍ତି
୩ କୈଳାସ ଚନ୍ଦ୍ର ଘୋଷ    ୪ ମହେନ୍ଦ୍ର ଚନ୍ଦ୍ର କର୍ମକାର
୫ ହରିଶ୍ଚନ୍ଦ୍ର ଘୋଷ    ୬ ହୃଦୟନାଥ କୁମାର
୭ ଅଶ୍ୱିନୀ ଦେବ    ୮ ଜଗନ୍ନାଥ ଦାସ
୯ ଅକ୍ଷୟ କୁମାର ସରକାର    ୧୦ ଏହ୍, ମନ୍ ଷଡ଼ଙ୍ଗୀ
୧୧ ସୁଧାନିଧି ମହାନ୍ତି    ୧୨ ଗୌରାଙ୍ଗ ମହାନ୍ତି
୧୩ କୃଷ୍ଣଚନ୍ଦ୍ର ସାହୁ    ୧୪ ଜଗନ୍ନାଥ ଦାସ
୧୫ ଅକ୍ଷୟ କୁମାର ଦାସ    ୧୬ ଗୋପାଳ ଚନ୍ଦ୍ର ଷଡ଼
୧୭ ଶ୍ରୀଚନ୍ଦ୍ର ମିଶ୍ର    ୧୮ ଲକ୍ଷ୍ମୀ ନାଥ ଘୋଷ

Digitized by srujanika@gmail.com

୧୫ ଅନୁକୂଳ ଚନ୍ଦ୍ର ଘୋଷ ୨୦ ଭୁବନଚନ୍ଦ୍ର ଚକ୍ରବର୍ତ୍ତୀ
୨୧ ଗୋପାଳଚନ୍ଦ୍ର ସୋମ ୨୨ ଯୋଗେନ୍ଦ୍ର ଶ ସରକାର
୨୩ ସେଖ ଅବଦୁଲ ଲତିଫ ୨୪ ରଘୁନାଥ ସରକାର
୨୫ ଇନ୍ଦ୍ର ଚନ୍ଦ୍ର ବସୁ ୨୬ ଦ୍ୱାରକାନାଥ ଘୋଷ

ବଙ୍ଗଳା ଅଯୋଧ୍ୟା ସମାଚାର ଅନୁକୂଳ୍ୟରେ କଲ୍ୟାଣକର କମିଟି ନାମରେ ଗୋଟିଏ ସଭା କଲି-କତା ନଗରରେ ଗତ ମଇ ମାସ ତାଂ ୧୯ରେ ସ୍ଥାପିତ ହୋଇଲା । ସଭାର ଉଦ୍ଦେଶ୍ୟ ( ୧ ) ବାବୁ ଦେବେନ୍ଦ୍ର ନାଥ ମୁଖୋପାଧ୍ୟାୟଙ୍କ ଦ୍ୱାରା ସ୍ୱର୍ଗୀୟ ଦୟାନନ୍ଦ ସରସ୍ୱତୀଙ୍କର ଜୀବନୀ ବଙ୍ଗଭାଷାରେ ପ୍ରକାଶ କରାଇବା ଏବଂ ତାହାଙ୍କ ଇଂରାଜୀ ଏବଂ ହିନ୍ଦୀ ଅନୁବାଦ କରାଇବା ଏବଂ ( ୨ ) ସ୍ୱାମୀଙ୍କ ରଚିତ ବେଦ ଭାଷ୍ୟ ଭୂମିକା ସତ୍ୟାର୍ଥ ପ୍ରକାଶ ଇତ୍ୟାଦିର ବଙ୍ଗ ଅନୁବାଦ ପ୍ରକାଶ କରାଇବା । ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଅନ୍ତତଃ ପାଞ୍ଚହଜାର ଟଙ୍କା ପ୍ରୟୋଜନ ଏବଂ ତାହା ସାଧାରଣ ଲୋକମାନଙ୍କ ସହାୟତାରେ ସଂଗୃହୀତ ହେବାର ପ୍ରସ୍ତାବ ହୋଇଅଛି । ଭରସା ଅଛି ବଙ୍ଗର ହିନ୍ଦୁ ଶାସ୍ତ୍ରାନୁରାଗୀମାନେ ଏ ବିଷୟରେ ସାହାଯ୍ୟ କରିବାକୁ କୁଣ୍ଠିତ ହେବେ ନାହିଁ ।

---

ଏବର୍ଷ ମୌସୁମୀ ବୃଷ୍ଟି ସାଧାରଣ ଭାବରେ ପ୍ରବେଶ କରିବାର କଥା ଅଛି । ମାତ୍ର ବମ୍ବେଇ ମାନ୍ଦ୍ରାଜ ପ୍ରଭୃତି କେତେକ ସ୍ଥାନରେ ବୃଷ୍ଟିର ପରିମାଣ ଅଳ୍ପରୁ ଅଧିକ ହୋଇଅଛି । ବଙ୍ଗପ୍ରଦେଶରେ ବାଇଶଟି ସ୍ଥାନରେ ଅତି ବୃଷ୍ଟି ହେବାରୁ ଅନେକ ସ୍ଥାନ ଧୋଇଯାଇ ସଡ଼କ ଭଙ୍ଗିଯାଇଅଛି ଏବଂ ରେଲବାଇ ଲାଇନ ନଷ୍ଟ ହୋଇଥିଲା । ଓଡ଼ିଶାରେ କଟକ ଜିଲ୍ଲାର ଉତ୍ତର ଭାଗ ଏବଂ ବାଲେଶ୍ୱରରେ ବୃଷ୍ଟିର ପରିମାଣ କିଛି ଅଧିକ ହେଲେହେଁ ସାଧାରଣତଃ ସନ୍ତୋଷଜନକ ବୃଷ୍ଟି ହୋଇଅଛି ଏବଂ ମହାନଦୀ ବା ତାହାର ଶାଖାମାନଙ୍କର ବଢ଼ି ପ୍ରବଳ ହୋଇ ନାହିଁ । ସୁତରାଂ ଆଷାଢ଼ ମାସର ଶାରଦ ଧାନ ବୁଣି ହୋଇବାକୁ ଦେବ ମାତ୍ର ଯେ ପ୍ରକାର ଅସଙ୍ଗତି ଶୀଘ୍ର ହେଉଅଛି ତହିଁରୁ ନିକଟରେ ବିଶେଷ ବୃଷ୍ଟି ହେବାର ଆଶା ହେଉଅଛି ।

---

ଗତ ସମ୍ବଲପୁରରେ ପାଠ କରିଁ କି ଏ ଠାର କଲେଜର ଅଧ୍ୟକ୍ଷ ଡକ୍ଟର ଓ୍ୱାର୍ଡ ସାହେବଙ୍କ ନାମରେ ଦୁଇଜଣ ଶିକ୍ଷକମାନଙ୍କ ଅନ୍ୟାୟ ଦେଖାଇବା ସମ୍ବନ୍ଧରେ ଯେଉଁ ଶୁଣାଣି ହୋଇଥିଲା ତାହାର ଅବଶିଷ୍ଟ ଦିନ୍ଦିଏ ଦୁଇଟି ଅଭିଯୋଗ ଓ୍ୱାର୍ଡ ସାହେବ କୌଣସି କଲେଜର ଅଧ୍ୟକ୍ଷ ହେବାକୁ ଯୋଗ୍ୟ ହେବେ ନାହିଁ ଏବଂ ତାହାଙ୍କୁ କୌଣସି କଲେଜର ଅଧ୍ୟକ୍ଷ ପଦରୁ ଅପସାରଣ କରିବାକୁ ହେବ । ମାନ୍ୟବର ଲେପ୍ଟେନାଣ୍ଟ ଗଭର୍ଣ୍ଣର ଯେତେବେଳେ ନୂତନ ଭାବରେ ଏକବର୍ଷ ନିମନ୍ତେ ଏପରି ଅନୁମତି ଦେବାର ସଙ୍କଳ୍ପ ଦେବ ଦେଇ ସର୍ବସାଧାରଣ ତାହାଙ୍କ ନ୍ୟାୟ ବିଚାରର ପ୍ରଶଂସା କରିବେ ଏଥିରେ ସନ୍ଦେହ ନାହିଁ । ଅନ୍ତତଃ ସେ ଏପରି ହେଲେ ଏଠା ଲୋକେ ଆନନ୍ଦିତ ହେବେ । ମାତ୍ର ସାହେବ ମହୋଦୟ ଏଠାରେ କଲେଜରେ ଅଧ୍ୟକ୍ଷତା କାର୍ଯ୍ୟ ନିର୍ବାହ କରୁଅଛନ୍ତି ସୁତରାଂ ଏ ସମ୍ବାଦରେ ଆଶ୍ୱାସ ହେଉ ନାହିଁ ।

---

ରୁଷସମ୍ରାଟଙ୍କର ଅଭିଷେକ ଜନିତ ଉତ୍ସବ କାଣ୍ଡ ଅର୍ଥାତ୍ ସାଧାରଣ ଲୋକରେ ପ୍ରାପ୍ତ ଭୋଜନ ବଣ୍ଟାଇବା ସମୟରେ ଯେଉଁ ଦୁର୍ଘଟଣା ଘଟିଥିଲା ଅନେକ ପାଠକମାନଙ୍କୁ ଏଥିପୂର୍ବେ ଜଣାଇଅଛୁ । ଏହି ଦୁର୍ଘଟଣାର ସମ୍ବାଦ ପାଇ ରୁଷ ସମ୍ରାଟ ନିତାନ୍ତ ଅଧୈର୍ଯ୍ୟ ହୋଇ କ୍ରନ୍ଦନ କରିଥିଲେ । ପରଦିନ ସମ୍ରାଟ ଓ ସମ୍ରାଜ୍ଞୀ ଡାକ୍ତରଖାନାମାନଙ୍କରେ ପଡ଼ିଥିବା ଆହତ ବ୍ୟକ୍ତିମାନଙ୍କୁ ଦେଖି ପ୍ରତ୍ୟେକର ଅବସ୍ଥା ପଚାରି ସାନ୍ତ୍ୱନା ବାକ୍ୟ କହିଲେ ଏବଂ ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଏକ ବୋତଲ ଲେଖାଏଁ ମେଡେରା ମଦ ପଠାଇଦେଲେ । ସେମାନେ ହତ ହୋଇଥିଲେ ସେମାନଙ୍କର ପ୍ରତ୍ୟେକର ପରିବାରକୁ ଏକହଜାର ରୁବଲ ଲେଖାଏଁ ଦାନ କଲେ ( ପ୍ରତି ରୁବଲର ମୂଲ୍ୟ ପ୍ରାୟ ଟ ୦ ।୯ ଅଣା ) ଏବଂ ସେମାନଙ୍କ ଆତ୍ମାର ଉଦ୍ଦେଶ୍ୟରେ ସ୍ୱଜାତୀୟ ଗିର୍ଜାଘରରେ ବିଶେଷ ପ୍ରାର୍ଥନା ହେବାର ଆଦେଶ ଦେଇ ସମ୍ରାଟ ସ୍ୱୟଂ ଉକ୍ତ ପର୍ବ ସମୟରେ ସେଠାରେ ଉପସ୍ଥିତ ହୋଇଥିଲେ । ସମ୍ରାଟଙ୍କର ଏହି କାର୍ଯ୍ୟମାନ ଅବଶ୍ୟ ପ୍ରଶଂସନୀୟ ଅଟେ ।

---

କଟକ ମେଦିନୀପୁର କେନାଲଠାରୁ ନିମନ୍ତେ ମହାନଦୀ ଓ କାଠଯୋଡ଼ି ଉପରେ ଯେଉଁ ପୋଲମାନ ନିର୍ମାଣ ହେବ । ତହିଁରେ ପାଦଚଲା ମନୁଷ୍ୟ ଗମନାଗମନର ବାଟ ରହିବାର ଶୁଣାଯାଏ । ଅସମ୍ବେ ଗାଡ଼ି ଚଳାଇବାର ସେତେବେଳେ ରେଲକମ୍ପାନୀ ଏକ୍ସପ୍ରେସ ବାଟ ଦେବାର ବନ୍ଦୋବସ୍ତ କରିବେ ତେବେ ପଥିକମାନେ ବର୍ଷାକାଳରେ ପାରଘାଟର କଷ୍ଟରୁ ରକ୍ଷା ପାଇ କର୍ତ୍ତୃପକ୍ଷଙ୍କୁ ଅଶେଷ ଧନ୍ୟବାଦ ଦେବେ । ଏଣିକି ପାର ଘାଟରେ ଥିବା ଭଣା ପଡ଼ିବା ସମ୍ଭବ ମାତ୍ର ପାଟ ବାଲାଙ୍କ ଅନ୍ୟାୟରୁ ସ୍ମରଣ କଲେ ତହିଁ ପାଇଁ କେହି ଦୁଃଖିତ ହେବ ନାହିଁ ବରଂ ସେ ଅଧିକ୍ୟ ଯେଉଁମାନେ ଅଣା କରି ବସିଅଛନ୍ତି ସେମାନଙ୍କର ପାଟ ଅନ୍ୟାୟର ନିବାରଣର କଠିନ ଉପାୟ କରିବା ଉଚିତ । ତାହାହେଲେ ସାତ ପାଇଦ ଇତ୍ୟାଦି ବିଶେଷ ଧାର୍ ହୋଇ ଏବଂ ପଦଚଳ ଲୋକ ଛଡ଼ା ସାହା ଯାହା ଉଚିତ ଜଣକ ଇତ୍ୟାଦି ଦ୍ୱାରା ତାହା ପୂର୍ଣ୍ଣ ହେବ । ପାରିଘାଟର ଅନ୍ୟାୟର ଏବଂ ଅସୁବିଧା ହେତୁ ଝଗଡ଼ା ଲଢ଼ାଇର ବାରମ୍ବାର ବିଶେଷ ଶୁଣା ଯାଉଅଛି । ପାଟବାଲାଙ୍କର ଉପରି ନଜର ରହିଲେ ଏହା ହେଲେ ବାରମ୍ବାର ବୃଦ୍ଧି ଦ୍ୱାରା ଅସୁବିଧା ହେବ ।

---

କଟକ ଡିଷ୍ଟ୍ରିକ୍ଟ ବୋର୍ଡ଼ ଏ ଜିଲ୍ଲାରେ ଗୋଟିଏ ସାଧାରଣ ଡାକ୍ତରଖାନା ସ୍ଥାପନ କରିବାର ଉଦ୍ଦେଶ୍ୟରେ ଲୋକଙ୍କ ଠାରୁ ଚାନ୍ଦା ଉଠାଇବା ନିମନ୍ତେ ଚେଷ୍ଟା କରୁଥିଲେ । ଏଥିରୁ ପଞ୍ଚାମୃତଙ୍କର ଜମିଦାର ଅନେକ ଦେଲେ କି ଯେତେବେଳେ ଟଙ୍କା ଗୋଟିଏ ପଞ୍ଚାମୃତରେ ଗୋଟିଏ ଡାକ୍ତରଖାନା ସ୍ଥାପନ କରି ତହିଁର ନାମ ସ୍ୱଚ୍ଛା ଅନୁସାରେ ମଙ୍ଗ ଦି, ଏମ, ପାଇ ହେବେ ତେବେ ଜମିଦାର ଜଣା ଅଛନ୍ତି ଏପରିମାଣ ଜମି ଦେବେ, ଯେଉଁ ଜମିରେ ଡାକ୍ତରଖାନାର କୋଠା ଏ କୋଠାଘର ନିର୍ମାଣ କରିବେ ଓ ତହିଁର ନିମନ୍ତେ ଖରଚ ଅଧିକା ଉପରେ ଦେବେ ଏବଂ ଡାକ୍ତରଖାନାର ବ୍ୟୟ ନିର୍ବାହାର୍ଥ ବାର୍ଷିକ ୨ ଶହ ୫୦ଙ୍କା ଦେବା ହେବେ । ବୋର୍ଡ଼ ଏ ପ୍ରସ୍ତାବରେ ସମ୍ମତ ହୋଇ ଅଛନ୍ତି । ଜମିଦାର ଘର ନିର୍ମାଣ ହେଲେ ଡାକ୍ତରଖାନା ଖୋଲିବ । ଗୋଟିଏ ଡାକ୍ତରଖାନାର ବାର୍ଷିକ ବ୍ୟୟ ପ୍ରାୟ ୨୮୦୦ଙ୍କା ସୁତରାଂ ବୋର୍ଡ଼ଙ୍କର ବାର୍ଷିକ ବ୍ୟୟ ଟ ୬୦ଙ୍କା ମଧ୍ୟରେ ହେବ । ପଞ୍ଚାମୃତଙ୍କ ଏ ଜଣର ପ୍ରାୟ ସର୍ବାପେକ୍ଷା ବୃହତ ଜମିଦାର ଏବଂ ତହିଁର ଜମିଦାର୍ ଉତ୍ତରକାଳ ଏବଂ ସମ୍ପତ୍ତି ବଢ଼ାଇ ଲୋକ ଅଛନ୍ତି । ସେ ଆପଣା ପ୍ରଜାଙ୍କ ହିତାର୍ଥେ ବଦାନ୍ୟତା, ମହତ୍ତ୍ୱ ଅର୍ଥବ୍ୟୟ କରିବାରୁ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁ । ଏପରି ଭାବରେ ଅନ୍ୟାନ୍ୟ ବଡ଼ ଜମିଦାରମାନେ ଆପଣା ପ୍ରଜାଙ୍କର

Digitized by srujanika@gmail.com

ଉଦ୍ୟୋଗ ଅଧିକ ଦୂର ଚଳିବା ଦେଶରେ ଏହିପରି ଯହିବାକୁ ହେବ ଏବଂ ତଦ୍ଦ୍ୱାରା ଏ ଦେଶରେ ଉଦ୍ୟୋଗୀ ସଂଖ୍ୟା ବୃଦ୍ଧି ହୋଇ ଏତ ସାଧାରଣଙ୍କର ଉପେକ୍ଷ ଉପକାର ସାଧିତ ହେବ ।

ପୁରୀଯାତ୍ରୀର ଦୁଃଖ ।

ଗତ ସପ୍ତାହରେ ପାଠକମାନେ ଅମ୍ଭମାନଙ୍କ ସେହି ପ୍ରବନ୍ଧ ପ୍ରକାଶ ହୋଇଥିଲା ତାହା କର୍ତ୍ତୃପକ୍ଷଙ୍କ ଦୃଷ୍ଟିରେ ପଡ଼ିବାର ଅବଗତ ହୋଇ ଆନନ୍ଦିତ ହେବେ । ଶିକ୍ଷାବିଭାଗ ସବୁଡ଼ିପୋର୍ଟି କଲେକ୍ଟର ଶ୍ରୀ ମଲ୍ଲିକ ଉଇଲିୟମ ଅଲଙ୍କୁ ପାନ୍ଥଶାଳା କାର୍ଯ୍ୟ ଚଳାଇବା ନିମନ୍ତେ ସଙ୍ଗେ ମହକୁମାର କଲେକ୍ଟର ସାହେବ ମଞ୍ଜୁର କରିଅଛନ୍ତି । ମଉଳିକ ମହୋଦୟ ଲିଖିତ ପ୍ରବନ୍ଧ ପାଠ ମାତ୍ର ସେହି ତା ୪ ଗୁଣ ପ୍ରାତଃ କାଳରେ ଯୋଗର ଷ୍ଟେଟ ଉପକୂଳ ପର ସାଧାରଣ ପଥ ଦେଶରେ ପଡ଼ିଲା ପାର୍ଶ୍ୱକୁ ଯାଇ ଯାତ୍ରୀମାନଙ୍କ ଗାର ଅଭାବ ସ୍ୱଚକ୍ଷୁରେ ପ୍ରତ୍ୟକ୍ଷ କଲେ । କୋଡ଼ିଏ ଯାତ୍ରୀ ଗାଡ଼ିରେ ଜଣେ ସ୍ତ୍ରୀ ଓ ଜଣେ ପୁରୁଷ ଥିଲେ । ସେମାନେ ଗତ ନୌକା-ଉପରକୁ ନେବାକୁ ଚେଷ୍ଟା କରନ୍ତେ ମାଝିମାନେ ତାଙ୍କୁ ବାଧା ଦେଇ ଭଗାଇ ଦେଲେ । ପୁରୁଷ ଜଣକ ପ୍ରଥମେ ଏକ, ତତପରେ ଦୁଇ ଅଣା ଦେଉଛି କହି ମାଝି ତାହା ଗ୍ରହଣ ନ କରି ଧକ୍କା ମାରି ତାଙ୍କୁ ପଡ଼ିଦେଲା ଉଦ୍ଦେଶ୍ୟରେ ଅଗତ୍ୟା ଉକ୍ତ ପୁରୁଷ ଯାତ୍ରୀ ଫେରି ଆସିଲେ । ମାଝି ତାହା ପରେ ଅନେକ କଷ୍ଟରେ ଗାଡ଼ି ନୌକା ଉପରକୁ ନେଲା । ସବୁଡ଼ିପୋର୍ଟି ମହୋଦୟଙ୍କର ତେତେବେଳେ ଘଟଣା ସ୍ଥାନ ପଛ ଘଟଣା ଯେ ମାଝିର କର୍ମଚ୍ୟୁତ ହେବାର ଅନୁମାନ ହେଉ ଥିଲା ଗୃହ ଅଧିକ (ଘର) କୁ ଗଲା ଜଣକେ ପଡ଼ାଇ ଦେଲା । ସବୁଡ଼ିପୋର୍ଟି ଏହିସବୁ କଥାରେ ଓ ଅନ୍ୟାନ୍ୟ ହେତୁ ଅନେକ ଅସୁବିଧା ସ୍ୱଚକ୍ଷୁରେ ଦେଖି ତହିଁର ପ୍ରତିକାର ଉଦ୍ଦେଶ୍ୟରେ ତାହାକୁ ଅମ୍ଭମାନଙ୍କ ବନ୍ଧୁ ଡ଼ିପୁଟୀକଲେକ୍ଟର ସାହେବ ଟୋଷୀ ମାଝିକୁ ଦଣ୍ଡ ଦେବା ନିମନ୍ତେ ବିଭାଗୀୟ ଡେପୁଟୀମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଇଅଛନ୍ତି ଏବଂ ଇଞ୍ଜିନିୟରମାନଙ୍କୁ ମାଝିମାନଙ୍କ ବେତନ ବୃଦ୍ଧି କରିବା ପାଇଁ ଅନୁରୋଧ କରିଅଛନ୍ତି । ବର୍ତ୍ତମାନ ଅସ୍ଥାୟୀ ଏହି ଘଟନା ସମ୍ବନ୍ଧ କାର୍ଯ୍ୟ ହେଲେ ଯଦିଚ ପ୍ରଥମ ମନକୁ ତଟସ୍ଥ ହୁଏ ପରିମାଣରେ ତାହା ମାତ୍ର ହେବ । ଅମ୍ଭେମାନେ ଆଶ୍ୱାସିତ ହେଉଅଛୁ କି ଏହି ନିମନ୍ତେ ମାନ୍ୟବର କଲେକ୍ଟର ସାହେବଙ୍କ ଅଦେଶରେ ଅଧିକ ମାଝିଙ୍କୁ ଫଉଜଦାରୀ ସୁପର୍ଦ୍ଦ କରିବାର ଆଜ୍ଞା ହୋଇ ଅଛନ୍ତି । ଏ ଆଜ୍ଞା ଉଚିତ ହୋଇଅଛି ।

ପଥକର ଉଦ୍ଦେଶ୍ୟ ।

ପଥକର ଟଙ୍କା କେବଳ ସଡ଼କ ପୁଲ ଓ ନାଳ ଇତ୍ୟାଦି କାର୍ଯ୍ୟରେ ଖରଚ ହେବା ଉଚିତ ଏବଂ ତହିଁର କୌଣସି ଅଂଶ ଚିକିତ୍ସା ଓ ଶିକ୍ଷା ବିଷୟରେ ଖରଚ ହେବା ଉଚିତ ନୁହେ ଅମ୍ଭମାନଙ୍କର ବର୍ତ୍ତମାନ କମିଶନର ମାନ୍ୟବର ବଲସାହେବ ପୁରୀର ପୂର୍ବତନ ଗବର୍ଣ୍ଣମେଣ୍ଟରେ ପ୍ରସ୍ତାବ କରିବାରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ତହିଁର ଉତ୍ତରରେ କହିଅଛନ୍ତି କି ଯଦ୍ୟପି ସନ ୧୮୭୧ ସାଲର ୨୦ ଆଇନର ୯୦ ଧାରାନୁସାରେ ସର୍ ଜର୍ଜ କାମ୍ବେଲ ସନ ୧୮୭୩ ସାଲରେ ଯେଉଁ ଘୋଷଣା ପ୍ରଚାର କରିଥିଲେ ତହିଁରେ ପଥକର ଟଙ୍କା ସ୍ଥାନୀୟ ସଡ଼କ ନାଳ ଓ ନଦୀ ଛଡ଼ା ଅନ୍ୟ କୌଣସି ଉଦ୍ଦେଶ୍ୟରେ ଖରଚ କରିବାର ଉଲ୍ଲେଖ ଥିଲା ମାତ୍ର ସେ ଆଇନ ପରିବର୍ତ୍ତିତ ହେବ ତାହିଁ ଏମନ୍ତ ଅଙ୍ଗୀକାର ତହିଁରେ ନ ଥିଲା । ପ୍ରକୃତରେ ବ ୭ ଶ ଉକ୍ତ ସନ ୧୮୮୦ ସାଲର ୯ ଆଇନର ୧୦୫ ଧାରା ଅନୁସାରେ ପଥକର ଟଙ୍କା ଅନ୍ୟାନ୍ୟ ଅନେକ ବିଷୟ ଯଥା ଚେପନ୍‌ଗଳ୍, କୁଣ୍ଡୀବିଲା, ସଡ଼କ କୂଳପାଖରେ ବୃକ୍ଷ ରୋପଣ, ପୋଖରୀ ଖନନ, ଜଳନିକାଶି ନାଳ କାମରେ ବ୍ୟୟିତ ହେବାର କଥା ଦେଖା । ଭଲି ଉକ୍ତରୁ ସନ ୧୮୮୫ ସାଲର ଅନୁଶାସନ ଭିତ୍ତିର ଆଇନଦ୍ୱାରା ପଥକର ଟଙ୍କା ଜଣ ଉକ୍ତର ସଙ୍ଗରେ ମେଡ଼ିକାଲ ଡାକ୍ତରଖାନା, ଶିକ୍ଷା, ଚିକିତ୍ସା, ସ୍ୱାସ୍ଥ୍ୟରକ୍ଷା, ଦୁର୍ଭିକ୍ଷ ସାହାଯ୍ୟ, ହିଂସ୍ରକନ୍ତୁ ବଧ, ଖାଦ୍ୟ, କୃଷି ପ୍ରଦର୍ଶନ ଇତ୍ୟାଦିରେ ବ୍ୟୟ କରିବାର ବିଧାନ ହେଲା । ସେହି କାଳରୁ ଜଣ ବୋଲି ଉଇ ସମସ୍ତ ଅଂଶ ଯେକୌଣସି ଭାବରେ ଆମଦାନୀ ହେଉ ପଛକେ ଗୋଟିଏ ଗାଣ୍ଠି ହୋଇଅଛି ଏବଂ ତାହା ଆଇନସଙ୍ଗତରୂପେ ଉପରେ ଲିଖିତ କୌଣସି ବିଷୟରେ ଖରଚ ହୋଇ ପାରେ । ସନ ୧୮୮୮ ସାଲରେ ଗବର୍ଣ୍ଣମେଣ୍ଟ ଉଡ଼ିଷ୍ୟା ଜିଲାର ଶିକ୍ଷାବ୍ୟୟ ନିମନ୍ତେ ଡାକ୍ତର ସାହେବଙ୍କ ପାଖରୁ ସାହାଯ୍ୟ ଦେବା ବିଷୟରେ ଯେଉଁ ଆଦେଶ ଦେଇଥିଲେ ଜିଲା ବୋର୍ଡମାନଙ୍କର ସାଧାରଣ ଆୟରୁ ପଥକର ପୃଥକ୍ କରିବା ତହିଁର ଉଦ୍ଦେଶ୍ୟ ନ ଥିଲା । କେବଳ ଅଧିକ ସୁବିଧା କରିବା ନିମନ୍ତେ ସେପରି ବନ୍ଦୋବସ୍ତ ହୋଇଅଛି । ଇତ୍ୟାଦି ମାନ୍ୟବର ଲେପ୍ଟେନେଣ୍ଟ ଗବର୍ଣ୍ଣର ବିବେଚନା କରନ୍ତି କି ଆଇନର ବିଧାନ ଛଡ଼ା କେବଳ ସୁବିଧା ଦୃଷ୍ଟିରେ ଏହିପରି ସାଧାରଣ ନିୟମ ହେବା ବାଞ୍ଛନୀୟ ଯେ ସନ ୧୮୮୦ ସାଲର ଆଇନ ପାସ୍ କରିବା ବେଳେ ପଥକର ଟଙ୍କା ଯେଉଁ ଯେଉଁ କାର୍ଯ୍ୟରେ ବ୍ୟୟ ହେବାର ଆଇନକର୍ତ୍ତାମାନଙ୍କର ଅଭିପ୍ରାୟ ଥିଲା ଜିଲା ବୋର୍ଡମାନେ ସେହି ସେହି କାର୍ଯ୍ୟରେ ସେହି ଟଙ୍କା ବ୍ୟୟ କରିବେ ତାହା ପଥକର ଅଧିକ ପ୍ରାୟ ସମାନ ହେବ । ବର୍ତ୍ତମାନ ସମୟରେ ପାନୀୟଜଳ ଯୋଗାଇବାର ସୁବନ୍ଦୋବସ୍ତ କରିବା ଆବଶ୍ୟକ ହୋଇଅଛି କମିଶନରମାନେ ଏହି ନିୟମାନୁସାରେ ପ୍ରତ୍ୟେକ ଜିଲାର ପ୍ରୟୋଜନ ବୁଝି ଜିଲା ବୋର୍ଡଙ୍କୁ ଡ଼ିରେକ୍ଟ ପ୍ରଭୃ ଆଇନାନୁସାର ଅଙ୍ଗୀକାର ଚଳାଇବେ ।

ଉପରେ ଲିଖିତ ବିବରଣରୁ ପାଠକମାନେ ଦେଖିବେ ଯେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ବଲ୍ ସାହେବଙ୍କ ପ୍ରସ୍ତାବ ସମ୍ପୂର୍ଣ୍ଣରୂପେ ଅନୁମୋଦନ ନ କରିବେ ସର୍ ଆଲେକ୍‌ଜାଣ୍ଡର ମାକେଞ୍ଜୀ ବାହାଦୁର ଯେଉଁ ନ୍ୟାୟସଙ୍ଗତ ଅଭିପ୍ରାୟ ପ୍ରକାଶ କରିଅଛନ୍ତି ତଦ୍ଦ୍ୱାରା କାର୍ଯ୍ୟତଃ ସେ ପ୍ରସ୍ତାବ ସଫଳ ହୋଇଅଛି ଏବଂ ଏହି ନ୍ୟାୟ ବିଚାର ନିମନ୍ତେ ଅମ୍ଭେମାନେ ଉଭୟ ମହୋଦୟଙ୍କୁ ଧନ୍ୟବାଦ ଦେଉଅଛୁଁ । ପକ୍ଷାନ୍ତରେ ଗୋଟିଏ ବିଶେଷ କାର୍ଯ୍ୟ କ୍ରମନ୍ତେ ଲୋକଙ୍କଠାରୁ ଟିକସ ନେଇ ତାହା ଅନ୍ୟାନ୍ୟ ବିଷୟରେ ବ୍ୟୟ କରିବାର ଗବର୍ଣ୍ଣମେଣ୍ଟଙ୍କର ଯେଉଁ ପ୍ରବୃତ୍ତି ଉପରେ ଲିଖିତ ବିବରଣରୁ ପ୍ରକାଶ ପାଉଅଛି ତାହା ବଡ଼ ଦୁଃଖର ବିଷୟ ଅଟେ । ପଥକର ପ୍ରଥମେ ବିଶେଷ ଉଦ୍ଦେଶ୍ୟ ନିମନ୍ତେ ଧାର୍ଯ୍ୟ ହୋଇଥିଲା । ବର୍ତ୍ତମାନ ଆଇନାନୁସାରେ ତାହା ସାଧାରଣ ଟିକସ ହୋଇଗଲା । ସରକାର ଯେତେବେଳେ ଯେମନ୍ତ ବୁଝିବେ ସେମନ୍ତ ଆଇନ କରି ପାରନ୍ତି ମାତ୍ର ଲୋକଙ୍କର ଉଚିତ ଯେମନ୍ତ ଅଟଳ ରହିବ ତହିଁ ପ୍ରତି ସମ୍ପୂର୍ଣ୍ଣ ଦୃଷ୍ଟି ରଖିବା ସରକାରଙ୍କ କର୍ତ୍ତବ୍ୟ ।

Digitized by srujanika@gmail.com

Split by PDF Splitter



କଟକ ମେଉନିସିପାଲଟି ।

ବଙ୍ଗଳାର ସୁପ୍ରସିଦ୍ଧ ବର୍ଦ୍ଧମାନର ଗତ ମାର୍ଚ୍ଚ ମାସରେ କଟକ ମେଉନିସିପାଲିଟି ପରିଦର୍ଶନ କରି ଯେଉଁ ମନ୍ତବ୍ୟ ଲେଖିଥିଲେ ତାହାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତାହା ପ୍ରକାଶ କରାଯାଉଅଛି । ଆମ୍ଭେମାନେ ଉକ୍ତ ମନ୍ତବ୍ୟ ଅର୍ଥ ପାଠକମାନଙ୍କ ଅବଗତି ନିମନ୍ତେ ନିମ୍ନେ ଉଦ୍ଧୃତ କଲୁ ।

ରାସ୍ତା;—

କଟକ ଉଡ଼ିଷ୍ୟାର ସର୍ବାପେକ୍ଷା ବଡ଼ ଓ ପ୍ରଧାନ ନଗର ଅଟେ । ଏହାର ଲୋକସଂଖ୍ୟା ୫ ବର୍ଗମାଇଲ ଏବଂ ଲୋକସଂଖ୍ୟା ୪୭୧୮୬ ଜଣ । ଏଠାରେ ୬୭ ମାଇଲ ରାସ୍ତା ଅଛି । ଏହି ମେଉନିସିପାଲିଟିର ବାର୍ଷିକ ଆୟ ଟ ୩୮୨୬୯ ଟା । ନୂଆ ବଜାରରେ ଗୋଟିଏ ନୂଆ ବିଜୁଳି ... ଏବଂ କଟକ ସ୍ଥାନୀୟ ରାସ୍ତା ଉପରେ ... ସ୍ଥାନମାନ ଅଛି ।

ଏଥି ପୂର୍ବେ ବଙ୍ଗଳାର ସିଭିଲ ଇଞ୍ଜିନିୟରମାନଙ୍କ ମଧ୍ୟରୁ ଜଣେ ଲକ୍ଷ୍ମଣ ତଥା ୧୮୮୭ ସାଲରେ ଏବଂ ତାଙ୍କର ପରେ ସନ ୧୮୯୦ ସାଲରେ ଏ ନଗର ପରିଦର୍ଶନ କରି ପ୍ରଥମ ରିପୋର୍ଟ ଦେଇଥିବେ ଏବଂ ପରେ ମନ୍ତବ୍ୟରେ ଏ ନଗରର ସ୍ୱାସ୍ଥ୍ୟ ଉନ୍ନତି ନିମନ୍ତେ ଅନେକ ସ୍କିମ ପ୍ରସ୍ତୁତ କରିଥିଲେ । ତହିଁ ମଧ୍ୟରୁ ଅଧିକାଂଶ କାର୍ଯ୍ୟରେ ପରିଣତ ହୋଇ ଅବହେଳିତ ଯାହା ରହିଅଛି ତାହା ମିଉନିସି-ପାଲଟି ହେବାରୁ କଟକ ସାରା ବର୍ଷ ସାଧ ହେଉଅଛି । ସେହି ସବୁ ଗୁଡ଼ିକ ହେଲା ପାଇଖାନାର ବନ୍ଦବସ୍ତ, ମଇଳା ନିଷ୍କାସନର ପ୍ରଣାଳୀ, ପାନୀୟ ଜଳ, ଏବଂ ସହର ରାସ୍ତା ସମ୍ବନ୍ଧୀୟ ଅଟେ ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ସଂଲଗ୍ନ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । କେତେକ ଜିନିଷର ମୂଲ୍ୟ ସହିତ ତାଲିକା ଦିଆଗଲା ।

### ଲେଖିବାର ଦ୍ରବ୍ୟ ।

| | | |
|---|---|---|
| ଭୁଁ ପେନସିଲ (ସାହାନପେନ) | ୧ ଡଜନରୁ | ୫ ୧ ୪ |
| " ଗୀଳ " ପ୍ରକାର | ଡ ୧ ଜନ | ୫ ० ୩, ୪, ୨ |
| " ସେପର " " | ଡ ୧ ଗ୍ରସ | ୫ ୧୪, ୩, ୮ |
| " ବ୍ରସ | ଡ ୧ ଜନ | ୫ ० ୩ |
| " ଭବ (ହୋଲଡ଼ାରସହିତ) ଗୋଟା ଥାକୁ | | ୫ ० ୪ ୨ |
| ଅଫିସ ପେନସିଲ | ଡ ୧ ଜନ | ୫ ० ୧/୨ |
| " କଲମ ଚିମଟା ସହିତ | ଡ ୧ ଗ୍ରସ | ୫ ୧ ୪ |
| " " " ଛଡ଼ା | ଡ ୧ ଗ୍ରସ | ୫ ० ୩ |
| " " ମୟୂର | ୧୦୦ ରୁ | ୫ ० ୪ |
| " ପୁଲସ୍କେପ କାଗଜ (ଉଦ୍ଧ) ୧ ରିମ | | ୫ ୩ ୧ |
| " " " (ମଧ୍ୟମ) | ୧ ରିମ | ୫ ୩ |
| " " " (ଛୋଟ) | ୧ ରିମ | ୫ ० |
| " ଡ୍ରଇଂ ପେପର ବଡ଼ | ୧ ରିମ | ୫ ୧୦ |
| " " " ଛୋଟ | ୧ ରିମ | ୫ ୩ |
| " ଡବ (ଘଡ଼ିତ୍ତପାଉଡର) ଦାୟିତ୍ୱକାଳି | ଡ ୧ ଜନ | ୫ ० ୬ |
| " ଦୁହାତ କାଳି (ସ୍ପିଟିକର) ବଡ଼ | ୧ ବୋତଲ | ୫ ୧୧ |
| " " " ମଧ୍ୟମ | ୧ ବୋତଲ | ୫ ० ୪ |
| " " " ଛୋଟ | ୧ ବୋତଲ | ୫ ० ୧/ |
| ଲାଲ " " ବଡ଼ | ୧ ବୋତଲ | ୫ ୧୨ |
| " " " ଛୋଟ | ୧ ବୋତଲ | ୫ ० ୪ |
| ବେଙ୍କୁଡ଼ର ବ୍ଲୁବ୍ଲାକ କାଳି ବଡ଼ | ୧ ବୋତଲ | ୫ ० ୨ |
| " " " ଛୋଟ ଲଟା | ୧ | ୫ ० ୧ |
| " ଲାଲ | ୧ ବୋତଲ | ୫ ० ୧ |
| ବ୍ଲଟିଂ ପାଉଡର | ଡ ୧ | ୫ ୧୨ |
| " ସ୍ପଞ୍ଜ | ଡ ୧୦ | ୫ ୩ |
| ତେଲଗୁ କଲମ କୋଷାର | ୫ ० / ଠାରୁ | ୫ ० ୪ |
| ଅଫିସ ପିନ (ବଡ଼) | ଡ ୧ ଜନ | ୫ ୧୪ |
| " ଛୋଟ | ଡ ୧ ଗ୍ରସ | ୫ ୧ |
| " ରବର (ଡ୍ରଇଂଷେବଲ) ସେ ୧ ଥା ୯ | | ୫ ० ୨ |

Split by PDF Splitter
Digitized by srujanika@gmail.com

ଅପିଷ ଦୁଅଡ଼ି ( ଛାପର ) ନାନାପ୍ରକାର
ସୋ ୧ ହା ୬ ହି ୧୧ ଲାଠାରୁ ଟ ୦ ୬ ପର୍ଯ୍ୟନ୍ତ
ଘଣ୍ଟବଗ ( ବଲଗ ) ବା ୧ ଟ୍ରୁ ୬ ଟ ୧।
ରେଜଷ୍ଟ୍ରିଲବହି ବଳ ( ଲୁହାର ) ସୋ ୧ ୬ ଟ ୦ ୩
ଥାଇବାଇନ୍ ଲେଖୀ ୧୨ ପାଂସ୍ତରରିନ ଟ ୨।/
„ „ ୧୪ ଘା „ ଟ ୨୬
ଘଟିକ ହାଗଜ ନାନାପ୍ରକାର ପ୍ରପା ଦେଟ ଟ ୦ ।୬ ଠାରୁ ଟ ୧୩
„ ଲଫାଫା ହା ୧୦୦ ୬ ଟ ୦ ।/ ଠାରୁ ଟ ୧।୬

ଏପର ଉବଲଡ଼ୁଇସ୍ପେପ, ଚଏଲ ନାନା ଔଷଧ ଓ ନାନା ଆକାର ନାନା ଔଷଧର ବସ୍ତୁ ଅଛନ୍ତି ।

ଛି ଉପରଲିଖିତ ଦର ସବୁଦା ଠିକ ଉତ୍କଳଦୀପ ରହିବ ଦର ଅନୁସାରେ କେବେ ହିଁ ଅଧିକ ନୁହଇ ନାହିଁ ଅନ୍ୟ ଷାଧାନୁସାରେ ସୁଲଭମୂଲ୍ୟରେ ଦେବାକୁ ତ୍ରୁଟି କରିବୁ ନାହିଁ । ଆବଶ୍ୟକୀୟ ଦ୍ରବ୍ୟମାନ ସବୁ ଏହି ଶ୍ରେଣୀର ଦ୍ରବ୍ୟ ଏବ ନେଲ, ଜଲରା,ଅଲମାର ପ୍ରଭୃତ ଅପିଷ ଓ ସ୍କୁଲ ନିମନ୍ତେ ଯାହା ଆବଶ୍ୟକ ହେବ ସେ ସମସ୍ତ ପଠାଇବା ନିମନ୍ତେ ପ୍ରସ୍ତୁତ ଅଛୁଁ ।

# ନୂତନ ! ନୂତନ ! ନୂତନ !

ଅସ୍ମମାନଙ୍କ କମିଶନର ମାନନୀୟ ବକ୍ସ ସାହେବଙ୍କ

## ସଚିତ୍ର ଜୀବନଚରିତ ।

ଓଡ଼ିଆ ଭାଷାରେ ଏହି ଏକମାତ୍ର ଜୀବନ ଚରିତ ।

ଏକମାତ୍ର ସଚିତ୍ର ପୁସ୍ତକ ।

ପ୍ରତିମୂର୍ତ୍ତି ଅତ୍ୟୁତ୍କୃଷ୍ଟ ।

କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟାର୍ଥ ଅଛି ।

ମୂଲ୍ୟ ଟ ୦ ।୬

ଡାକମାସୁଲ ମୂଲ୍ୟ ଟ ୦ ।

## ବିଜ୍ଞାପନ ।

ନିମ୍ନ ଲିଖିତ ପୁସ୍ତକମାନ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରି ହେଉଅଛି ।

ମାଇନର ଓ ଛାତ୍ରବୃତ୍ତିର ପାଠ୍ୟ, ସଂସ୍କୃତ ବ୍ୟାକରଣ ୬ ପଣ୍ଡିତ ଜଗନ୍ନାଥଙ୍କ ଉଦ୍ଧାରଗ୍ରନ୍ଥଙ୍କ କୃତ ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓଙ୍କଦ୍ୱାରା ପରିବର୍ତ୍ତିତ ଓ ପରିବର୍ଦ୍ଧିତ ୫ମ ସଂସ୍କରଣ ମୂଲ୍ୟ ଟ ୧୬

ରେଭେନ୍‌ସା କଲେଜର ବଙ୍ଗଳା ଅଧ୍ୟାପକ ଶ୍ରୀ ଯୋଗେଶଚନ୍ଦ୍ର ରାୟଙ୍କର, ପ୍ରାକୃତ ଭୂଗୋଳ ମାଇନର ଛାତ୍ରବୃତ୍ତିର ପାଠ୍ୟ ମୂଲ୍ୟ ଟ ୦ ।୬

ଓ ଏହାଙ୍କ କୃତ, ଅପର ପ୍ରାଇମେରି ପାଠ ବଙ୍ଗଳା ପ୍ରବେଶ ମୂଲ୍ୟ ଟ ୦ ୬

# NAUG & Co.

( *Established in* 1882. )

170 Cornwallis Street, Calcutta.

Cloth Merchants, Milliners, Drapers, Silkmercers, Hosiers, Haberdashers, Tailors, ready made clothiers and Mofusil Agents. Deshi and Belati cloth Merchants.

## ନାଗ ଏବଂ କମ୍ପାନୀ

( ସନ ୧୮୮୨ ସାଲରେ ସ୍ଥାପିତ )

୧୭୦ କର୍ଣ୍ଣୱାଲିସ ଷ୍ଟ୍ରିଟ, କଲିକତା

ଦେଶୀ ଏବଂ ବିଲାତି ଲୁଗାର ବେପାରୀ; ପୋଷାକ, ଟୋପି, ମୋଜା ଓ ନାନାପ୍ରକାର ଶୌଖିନଦ୍ରବ୍ୟ ବିକେତା; ଦରଜି ଓ ତିଆରି-ପୋଷାକ ବିକେତା ଏବଂ ମୋଫସଲ ଏଜେଣ୍ଟ ବା ସରବରାହକାର ।

## ବିଜ୍ଞାପନ ।

ଶ୍ରୀ ଜେ, ଏସ, ରାଉଙ୍କ କୃତ

# ଉତ୍କଳ ଗଣିତାଙ୍କ

ଅପର ପ୍ରାଇମେରି ଛାତ୍ରବୃତ୍ତିପରୀକ୍ଷାନ୍ତର୍ଗତ ଅଙ୍କ ପାଠ୍ୟପୁସ୍ତକ

ଏଠା କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ଛପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ମୂଲ୍ୟ ଟ ୦ ୬୨ ମାତ୍ର ।

## ବିଜ୍ଞାପନ ।

କଟକ ରେଭେନ୍‌ସା ହାଇ ସ୍କୁଲ ବାଳିକାବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପଦ ଶୂନ୍ୟ ହୋଇଅଛି । ମାସିକ ବେତନ ଟ ୨୫ ଙ୍କା । ଜଣେ ବୟସ୍କା, ସଚ୍ଚରିତ୍ରା, ସୁଦକ୍ଷ ଶିକ୍ଷକ ଆବଶ୍ୟକ । ପ୍ରାର୍ଥୀମାନେ କାର୍ଯ୍ୟଦକ୍ଷତା ଓ ସଚ୍ଚରିତ୍ରତାର ସାର୍ଟିଫିକେଟସହିତ ବୟସ ଉଲ୍ଲେଖ ପୂର୍ବକ ତା ୨୦ ଖ ଜୁଲାଇ ମଧ୍ୟରେ ଅସ୍ମଦ୍‌ନିକଟକୁ ଆବେଦନପତ୍ର ପ୍ରେରଣ କରିବେ । ଯେଉଁମାନେ ବଙ୍ଗଳା ଓ ଓଡ଼ିଆ ଛାତ୍ରବୃତ୍ତିର ପାଠ୍ୟବିଷୟସବୁ ପଢ଼ାଇବାକୁ ସମର୍ଥ ଅଛନ୍ତି ଏବ ଇଂରାଜୀ ଲେଖିପଢ଼ି ପାରନ୍ତି, ସେମାନଙ୍କଛଡ଼ା ଅନ୍ୟ କାହାର ଆବେଦନ କରିବା ଅନାବଶ୍ୟକ ।

କଟକ } ଶ୍ରୀ ଉମେଶଚନ୍ଦ୍ର ରାୟ
୨୭।୬।୯୬ } ସମ୍ପାଦକ

ବହରମ୍ପୁର ଜଗନ୍ନାଥପୁର ବାଳିକାବିଦ୍ୟାଳୟ ନିମନ୍ତେ ଜଣେ ଶିକ୍ଷକର ପ୍ରୟୋଜନ ଅଛି ଦରମା ମାସିକ ଦଶ ଟ ୧୦ ଙ୍କା ଯେଉଁମାନେ ମଧ୍ୟମଶ୍ରେଣୀ ବିଦ୍ୟାଳୟରୁ ଶିକ୍ଷକତା ଦକ୍ଷତାର ସହିତ ନିର୍ବାହ କରି ପେନସନ ପ୍ରାପ୍ତ ହୋଇଅଛନ୍ତି ସେମାନଙ୍କ ଆବେଦନ ସାଦରେ ଗୃହୀତ ହେବ ଆବେଦନକାରୀମାନେ ଆପଣା ଯୋଗ୍ୟତା ଓ ଚରିତ୍ର ସମ୍ବନ୍ଧୀୟ ପ୍ରଶଂସାପତ୍ର ସହିତ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀ ନିକଟକୁ ଯୁଲାଇ ମାସ ତା ୨୫ ରିଖ ମଧ୍ୟରେ ପଠାଇବେ ।

ବହ.ମ୍ପୁ } ଶ୍ରୀ ମଦନମୋହନ ପଟ୍ଟନାୟକ
୨୭।୬।୯୬ } ମାନେଜର ବହରମ୍ପୁ

## NOTICE.

Wanted 3 boys by the Cuttack District Board to train them in the Jobra Work-shop as artizons for 5 years. Preference will be given to those who would fulfil the conditoins given below.

(1) The period of instructional the work-shop should be for 5 years.

(2) Three boys should be selected for receiving the instruction, preference being given to those of the artizan class.

(3) The value of scholarship for each boy should be as below.

| | | |
|---|---|---|
| 1st & 2nd year | Rs. 4 a month | |
| 3rd year | Rs. 5 | „ |
| 4th year | Rs. 6 | „ |
| 5th year | Rs. 7 | „ |

The condition of granting scholarships is that the grantees should enter into an agreement in favor of the Board, that if they neglect to attend regularly, or fail to satisfy the superintendent of the workshop, regarding their progress &c, their scholarships will be liable to be stopped by the Board.

Cuttack District Board's office. The 3rd July 1896 } J. C. Chunder, *Vice-Chairman*

## ନୂତନ ଛାପା ହୋଇଅଛି

## ସଚିତ୍ର ଶ୍ରୀନାଥମେଳା

ବାବୁ କାଶୀପ୍ରସାଦ ମହାନ୍ତିଙ୍କଦ୍ୱାରା ରଚିତ ଓ କଟକ ପ୍ରିଣ୍ଟିଂକୋମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ

ମୂଲ୍ୟ ଟ ୦ ୵

Split by PDF Splitter

Digitized by srujanika@gmail.com

Split by PDF Splitter



# ବିଶେଷ ଦ୍ରଷ୍ଟବ୍ୟ ଓ ବିଶେଷ ସୁବିଧା ।

ଉପେନ୍ଦ୍ରଭଞ୍ଜଙ୍କ କୋଟିବ୍ରହ୍ମାଣ୍ଡସୁନ୍ଦରୀ ପୁସ୍ତକ ଟୀକାସହିତ ଅତି ସୁନ୍ଦରାକାରରେ ମୁଦ୍ରିତ ହୋଇଥିଲେ ହେଁ ସାଧାରଣଙ୍କ ସୁବିଧା ନିମନ୍ତେ ଆଗାମୀ ଦୁର୍ଗାପୂଜା ପର୍ଯ୍ୟନ୍ତ ଅର୍ଦ୍ଧମୂଲ୍ୟରେ ଅର୍ଥାତ୍ ଟ ୧୧ ଟଙ୍କାରେ ଦିଆଯିବ । ମୋଫସଲ ନିମନ୍ତେ ଡାକମାସୁଲ ଅଧିକା ପଡ଼ିବ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟାରୀ

# ଥରେ ଦେଖ ।

କବିବର ଜଗନ୍ନାଥ ପଣ୍ଡାଙ୍କ ରଚିତ ମହାଭାରତର ଗୋପୀନାଥବଲ୍ଲଭ ନାଟକର ୨ୟ ସଂସ୍କରଣ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏହାର ମୂଲ୍ୟ ଏକଖଣ୍ଡ ଟ ।୷ ମଫସଲ ପାଇଁ ଡାକମାସୁଲ ଟ୦୷

# ବିଜ୍ଞାପନ ।



ଓ୍ୱାଚ ଓ କ୍ଲକ୍ ମରାମତି କାର୍ଯ୍ୟ ପୁନଃସ୍ଥାପନ ହୋଇ ଶୀଘ୍ର ଗ୍ରାହକଙ୍କ କାର୍ଯ୍ୟ କରିବାର ବନ୍ଦୋବସ୍ତ ହୋଇଅଛି; ଯାହାଙ୍କର ପ୍ରୟୋଜନ ହେବ ସେ ଓ୍ୱାଚ ଓ କ୍ଲକ ଏଠାକୁ ପଠାଇଦେଲେ ଜବାବ ମାଗିଲେ ପାଇ ପାରିବେ । ଇତି ।

କଟକ ପ୍ରିଣ୍ଟିଂ କମ୍ପାନୀ ଅଫିସ ବକ୍ସିବଜାର କଟକ } ଶ୍ରୀ ଗୌରୀଶଙ୍କର ରାୟ

ଯାଦବଲାଲଙ୍କ ପସନ୍ଦିତ ।

# ପାଦୁଗ୍ରାହ୍ୟ ମହୌଷଧ ।

( ବହୁଲୋକଙ୍କ କର୍ତ୍ତୃକ ପ୍ରଶଂସିତ । )

ମୂଲ୍ୟ ପ୍ରତିଶିଶି ଟ ୦ ।୶ ଛଅ ଅଣାମାତ୍ର ।

ଏହି ଔଷଧଦ୍ୱାରା ସର୍ବପ୍ରକାରର ପାଦୁ ରୋଗ ଅପ୍ରେଶନ ଦ୍ୱାରା ଅଥବା ଶସ୍ତ୍ରାଘାତ ବିନା ଔଷଧ ଲଗାଇଲେ ଆରୋଗ୍ୟ ହୁଏ ଅଥବା ଆଉ ଫୁଟିବାର ଭୟ ନାହିଁ । ଫୁଲିଥିବାଠାରୁ ଔଷଧ ଲଗାଇଲେ ଅଧିକ ଉପକାର ଜଣାପଡ଼େ । ଏହି ପ୍ରକାର ଏତାଦୃଶ ଉତ୍କୃଷ୍ଟ ଔଷଧ ଆଉ ଦେଖାଯାଏ ନାହିଁ । ପ୍ରତି ଶିଶି ନାନାପ୍ରକାର ଦୁଃସାଧ୍ୟ ବଦ୍ଧରୋଗ ପାଦୁ ପ୍ରଭୃତି ଅନେକ ସ୍ଥଳ ବହୁ ଦୂରଦେଶରେ ପ୍ରଚାରପ୍ରାପ୍ତ ହୋଇଅଛି । ଯେଉଁମାନେ ଏହି ଦୁର୍ଲଭ ବ୍ୟାଧିରେ ଅକାଳ୍ପେ ଯନ୍ତ୍ରଣା ପାଉଅଛନ୍ତି ସେମାନେ ଅନ୍ତତଃ ଥରେ ପରୀକ୍ଷା କରି ଦେଖନ୍ତୁ, ଔଷଧ କଦାପି ବିଫଳ ହେବ ନାହିଁ ଏହା ସାହସପୂର୍ବକ କହିପାରି । ଏ ଔଷଧର ଅତ୍ୟନ୍ତ ଅନେକ ଗୁଣ ଅଛି ଏତଦ୍ଦ୍ୱାରା ବାତ, କଣ୍ଡୁ, ବାତରକ୍ତ ପ୍ରଭୃତି ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି ।

ଔଷଧ ଗ୍ରହଣାର୍ଥିମାନେ ଆପଣା ନାମ, ଧାମ, ଡାକଘର ଲେଖି ଏବଂ ଆହାର ରେଜେଷ୍ଟ୍ରି ଚିଠି ଅଥବା ଟେଲିଗ୍ରାଫରେ ଲେଖିଲେ ଶୀଘ୍ର ଔଷଧ ପ୍ରେରିତ ହେବ ।

ଶ୍ରୀ ଯାଦବଲାଲ ସେନ ।
ପୋଷ୍ଟ ଅଫିସ ରୋଡ଼ କଟକ

## ସୁଗନ୍ଧିତଦ୍ରବ୍ୟ ବିକ୍ରୟ ।

ଲିମ୍ନଲିଖିତ ସୁବାସିତ ତୈଳ ପ୍ରଭୃତି କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକଦୋକାନରେ ବିକ୍ରୟ ହେଉଅଛି ମୋଫସଲର ଗ୍ରାହକମାନେ ନଗଦ ଟଙ୍କା ପଠାଇବେ । ଭି, ପି ଏହି ଦ୍ରବ୍ୟମାନ ପଠାଯିବ ନାହିଁ । ପ୍ୟାକିଂ ନିମନ୍ତେ ଟ ୦ ୷ ଅଧିକ ପଠାଇବାକୁ ହେବ ।

| | | | |
|---|---|---|---|
| ସୁବାସିତ କୁନ୍ତଳୀନ | ୧ | ଶିଶି ୬ | ଟ ୧ |
| ଅଦ୍ଭୁତ | ,, | ୧ ,, | ଟ ୧୪ |
| ଗୋଲାପଗନ୍ଧ | ,, | ୧ ,, | ଟ ୬ |
| ଲ୍ୟାଭେଣ୍ଡର୍ଓ୍ୱାଟର | ବଡ଼ଶିଶି | | ଟ୦୩୷ |
| ଏଜନ | ଛୋଟଶିଶି | | ଟ ୦ ୩୷ |
| ଇଉକ୍ୟାଲିପ୍ଟସ | ବଡ଼ଶିଶି | | ଟ ୧୪ |
| ଇଉଡିକଲୋନ | ଛୋଟଶିଶି | | ଟ ୦୪, |
| ଏଜନ | ବଡ଼ ,, | | ଟ୦ ୪ |
| ଫ୍ଲୋରିଡା ଓ୍ୱାଟର | | | ଟ୦ ୩୷ |
| ଏସେନ୍ସ | | | ଟ ୧ ୯ |

# CHEAP! CHEAP! CHEAP!

## SCHOOL BOOKS,

Prescribed for the Collegiate school and H. E. schools.

## JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ କଲିକତାରୁ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ବକ୍ସିବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।

ମାଇନର, ବର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ଲୋଅର ପ୍ରାଇମେରୀ ସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ୍ୱାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ବକ୍ସିବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନାୟାସରେ ପାଇପାରିବେ ।

ଉତ୍କଳଦୀପିକାର ଗ୍ରାହକ ହେବାର ସର୍ତ୍ତ ନିମ୍ନଲିଖିତ ରୂପେ ସ୍ଥିର ହୋଇଅଛି, ଯଥା।—

ଅଗ୍ରିମ ବାର୍ଷିକ

| | |
|---|---|
| ଧାରାଳ | ଟ ୩୷ |
| ଅଧ୍ୟାପକ | ଟ ୬ |
| ଛାତ୍ର ଏବ ସ୍ତ୍ରୀ | ଟ ୩୯ |

ମାତ୍ର ଯୌଣସି ବର୍ଷର ଟଙ୍କା ଗୁହ ହେଲେ ତହିଁର ଖଣ୍ଡା ଟ ୦ ୮ କୁ କମ ହେବ ନାହିଁ

ଚିଠିପତ୍ର ଓ ଟଙ୍କାପଇସା ସମ୍ପାଦକ ଓ ପ୍ରକାଶକଙ୍କ ନାମରେ ପଠାଇବେ ଓ ଟିକଟ ଯଥାକ୍ରମେ ଦେବେ

ଅଧିକ ବାକି ଖବରକାଗଜ ବନ୍ଦ କରାଯିବ ।

ବିଜ୍ଞାପନର ମୂଲ୍ୟ ପ୍ରତିପଙ୍କ୍ତିରେ ଦୁଇ ପଇସା ଦେବାକୁ ହେବ ।

ଏହି ଉତ୍କଳଦୀପିକା କଟକ ବକ୍ସିବଜାରରେ ଥିବା ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହୋଇ

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୧ ଗ | ତା ୨୪ ଋଷ ମାଘେ ତୁସର ସନ ୧୮୧୫ ଅବ୍ଦୀୟ । ମୁ । ତା ୧୨ ଫେବ୍ରୁଆରି ସନ ୧୮୦୩ ସାଲ ଶନିବାର । | ଅଗ୍ରିମ ଟ ୩୧
ସଂ ୩୦ ସଂଖ୍ୟା | | ପଶ୍ଚାଦେୟ ଟ ୬୧

ପ୍ରାୟ ନ ୧୦।୧୨ ନ ବୃଷ୍ଟି ଛାଡ଼ିହୋଇଥିବାରୁ ଗୃହିଙ୍କ ମନରେ ଗ୍ଭବନା ଏବଂ ଦେହୁଶୁଣ କାର୍ଯ୍ୟର ବ୍ୟାଘାତ ହୋଇଥିଲା । ସବୁ ମଙ୍ଗଳବାରଠାରୁ ନ କ ଜ ବୃଷ୍ଟି ହୋଇ ଜଳର ଅଭାବ ଅପାତତଃ ଘୁଞ୍ଚାଇ ଦେଇଅଛି ଏବଂ ଫସଲର ଅବସ୍ଥା ଏପର୍ଯ୍ୟନ୍ତ ଭଲ ଅଛି । ଏହି ବୃଷ୍ଟିହେତୁ ବିଶେଷ ଉପକାର ହୋଇଅଛି ।

—※—

ପଞ୍ଚାମଣ୍ଡଳରୁ ସମ୍ବାଦ ଆସିଅଛି ଯେ ଅମ୍ଭମାନଙ୍କ କଲେକ୍ଟରସାହେବ ଗତମାସ ତା ୧୫ ରିଖରେ ସକାଳେ ସେଠାରେ ପହଞ୍ଚି ସ୍କୁଲ ପାଉଣ୍ଡ ଓ ସ୍କୁଲ ପରିଦର୍ଶନ କରି ଛାତ୍ରମାନଙ୍କ ଆମୋଦ ନିମନ୍ତେ ଏକଦଳ ଛୁଟି ଦେଲେ ଏବଂ ନୂତନ ଡାକ୍ତରଖାନାର ସ୍ଥାନ ନିର୍ବାଚନ କରି ଉକ୍ତ ଅପରାହ୍ନ କେନ୍ଦ୍ରାପଡ଼ାକୁ ଜଳପଥରେ ଯାତ୍ରା କଲେ । ସାହେବ ମହୋଦୟ ଗତ ସୋମବାର ଏହି ସଦର ମୁକାମରେ ପହଞ୍ଚି କଚେରି କରୁଅଛନ୍ତି ।

---

ଇଷ୍ଟକୋଷ୍ଟ ରେଲବାଟ କଟକଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ମାତ୍ର ବସିଯାଇ ନ ଥିବାରୁ କେବଳ ଏକ ବେଳେ ରେଲ ଖଣ୍ଡ ଚଳୁଥିଲା ବର୍ତ୍ତମାନ ପ୍ରତିଦିନ ଦୁଇବାର ଅଦେଶ ହୋଇଅଛି । ଇଞ୍ଜିନିୟର ଉଷ୍ଟିନସ୍ତିକ ସାହେବ ଶସ୍ତ୍ରରେ ବାହାର ଅଛନ୍ତି । ବେହରାମପୁରଠାରୁ କଟକ ପର୍ଯ୍ୟନ୍ତ ଇଷ୍ଟକୋଷ୍ଟ ରେଲବାଟ ମା ୫୦୭ ଇଲ ମଧ୍ୟରୁ କେବଳ ମା ୧୩ ଇଲ ବାକି ଅଛି ଆଗାମୀ ସେପ୍ଟେମ୍ବରମାସ ତା ୩୦ ରିଖ ମଧ୍ୟରେ ଏଥିର କାର୍ଯ୍ୟ ଶେଷ ହେବ ଏବଂ ଶେଷ ପରିଦର୍ଶନ ଉତ୍ତାରୁ ବ୍ୟବହାର ନିମନ୍ତେ ଫିଟିବ ।

---

ଭାଗ୍ୟଭଦ୍ରାସୀମାନେ ଅକାଳର ଅତ୍ୟନ୍ତ ଦୁର୍ଦ୍ଦଶା ଭୋଗ ମଧ୍ୟରେ ପଡ଼ିଗଲେ । ମାତ୍ର ଏକ ସମ୍ବାଦପତ୍ରରେ ପାଠ କଲୁଁ ଯେ ଜାପାନରେ ଆପଣା ସ୍ତ୍ରୀପୁତ୍ରାଙ୍କୁ ବନ୍ଧକ ଦେଇ ଟଙ୍କା ଋଣ କରିବାର ପ୍ରଥା ପ୍ରଚଳିତ ଅଛି । ଏକ ବ୍ୟକ୍ତି ଏହିପରି ବନ୍ଧକଦ୍ୱାରା ଟଙ୍କା କରଜ କରିଥିଲା ମାତ୍ର ମିଆଦମଧ୍ୟରେ ଦେଇ ନ ପାରିବାରୁ ମହାଜନ କଳତ୍ରଙ୍କୁ ତାହାର ହାତରୁ ଧରି ଆପଣା ଘରକୁ ନେଇଗଲା । କିଛିଦିନ ଉତ୍ତାରୁ ସ୍ୱାମୀ ବହୁ ଟଙ୍କାର ଯୋଗାଡ଼ କରି ଓ ବହୁ ସୁଧ ନେଇ ଋଣ ପରିଶୋଧ କରି ଗୃହିଣୀକୁ ଫେରି ପାଇଲା ।

---

ସରକାରୀ ରିପୋର୍ଟରୁ ପ୍ରକାଶ ଯେ ବଙ୍ଗଳାର ନାନାସ୍ଥାନରୁ ଗତବର୍ଷ ୨୦୮୫୧ କୁଲି ଆସାମକୁ ଯାଇଥିଲେ । ତହିଁ ପୂର୍ବବର୍ଷ ଯାଇଥିବା କୁଲିଙ୍କ ସଂଖ୍ୟା ୪୩୨୯୦ ଥିଲା । ଅଧିକାଂଶ କୁଲି ଆପଣାଇଚ୍ଛାରେ ଯାଇଥିବାର ଜଣାଯାଏ । ଗତ ବର୍ଷର ବିଷୟ ଯେ କୁଲି ରପ୍ତାନି ଏତେ ବୃଦ୍ଧି ହୋଇଥିବା ପ୍ରତ୍ୟେକେ ମୃତ୍ୟୁ ସଂଖ୍ୟା ପୂର୍ବବର୍ଷଠାରୁ ଊଣା ପଡ଼ିଅଛି । ଆସାମ ଏବଂ ବଙ୍ଗଳାର ପଥରେ ହୋଇଥିବା କୁଲିମାନଙ୍କ ଭଲ ମନ୍ଦ ବିଷୟରେ ଗତବର୍ଷ କମିଶନ ବସିଥିଲା । କମିଶନ କାର୍ଯ୍ୟ ଶେଷ କରି ଯେଉଁ ରିପୋର୍ଟ ଦେଇଅଛନ୍ତି ତାହା ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ଅଛି ।

---

ପଟଣାର ପାନୀୟ ଜଳ ଯୋଗାଇବାର ଅନ୍ୟାନ୍ୟ ଉପାୟ ମଧ୍ୟରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ରବର୍ଟସନ ସାହେବଙ୍କ ନଳକୂପ ବସାଇବାର ଉପଦେଶ ଦେଇଥିଲେ । ତଦନୁସାରେ ଏଠା ମିଉନିସିପାଲିଟି କଲିକତାର ଲେସଲି କୋମ୍ପାନିଙ୍କଠାରୁ ଆଣିବାର ଓ ନଳକୂପ ଲଗାଇବ ଅଣାଇ ଏ ନଗରର ଭିନ୍ନ ସ୍ଥାନରେ କଳ ଯୋ ଗାଇ ବସାଇଲେ ସେ କଳ କାମ କଲା ନାହିଁ । ଏହି ନଳକୂପ କେବଳ ବାଲିଆ ଫସଲା ମାଟିର ଉପଯୋଗୀ, କଠିନ ସଞ୍ଚରଣେ କଳ ଥିବା ଟାଣ ମାଟିପ୍ରତି ଅବୋଧ କାର୍ଯ୍ୟକର ନୁହେଁ । ପରୀକ୍ଷା ବିଫଳ ହେବାରୁ କଲିକତାରୁ ଆସିଥିବା କାରୀଗରମାନେ ଫେରିଗଲେ ।

---

ଗତକ ମାଘ ତା ୧୨ ରିଖ ଶୁକ୍ରବାର ଶ୍ରୀକ୍ଷେତ୍ର ରଥଯାତ୍ରାର ଭଦ୍ରରଥ ଗୁଣ୍ଡିଚା ମନ୍ଦିର-

Digitized by srujanika@gmail.com

ଠାରେ ପ୍ରବେଶ ହେଲେହେଁ ମନ୍ଦିର ଦର୍ଶକରୂ-ମାନେ ସେହିଭ ପଦ୍ଧତି ଭକ୍ତ ସ୍ତୁତି ଭକ୍ତି ନହିଁ ଅବରବ ଶନିବାର ଅପରାହ୍ନବେଳେ ଠାକୁରମାନଙ୍କୁ ଯଥାବିଧିରେ ଶ୍ରୀମନ୍ଦିରର ସିଂହାସନାରୂଢ଼ କରାଇଲେ ଏବଂ ସେହିଦିନ ରାତ୍ରରେ କେବଳ ବଡ଼ସିଂହାର ଭୋଗ ହୋଇଥିଲା । ତା ୧୯ ଭଣ ରବିବାର ନିତ୍ୟନୈମିତ୍ତିକ ଭୋଗାଦି ହୋଇ ତା ୨୦ ଭଣ ସୋମବାର ଖେଚଡ଼ିଭୋଗ ପରେ ସନ୍ଧ୍ୟା ସମୟରେ ଠାକୁରମାନେ ରତ୍ନ ଖଟ ଜଗମୋହନ ସ୍ତମ୍ଭରେ ବିରାଜମାନ ହେଲେ । ଏ ଦିନ କେବଳ ବେଶାରୁଅ ଦର୍ଶନମୂର୍ତ୍ତି ହୋଇଥିଲା ।

---

କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ସର କୋମର ପେଥେରମ ଶୀଘ୍ର କାର୍ଯ୍ୟ ତ୍ୟାଗ କରି ବିଲାତ ଗମନ କରିବେ । ସେହି ପଦରେ ବମ୍ବାଇ ହାଇକୋର୍ଟର ସର ଚାର୍ଲସ ଫେରାନ ସାହେବ ନିଯୁକ୍ତ ହେବାର କଳରବ ଉଠିଥିଲା । ମାତ୍ର ବିଲାତରୁ ତାଡିତଯୋଗେ ସମ୍ବାଦ ଆସିଅଛି ଯେ ସେ ଅସମ୍ମତ ହେବାରୁ କଲିକତାର ଶ୍ରୀଯୁକ୍ତ ଏଫ୍ ଡବ୍ଲିଉ, ମାକଲିନ ସାହେବ ନିଯୁକ୍ତ ହୋଇ ଅଛନ୍ତି । ମାକଲିନ ସାହେବଙ୍କ ବୟସ ପ୍ରାୟ ୫୨ ବର୍ଷ ଏବଂ ସେ ସନ ୧୮୬୮ ସାଲରେ ବାରିଷ୍ଟର ଶ୍ରେଣୀ ଭୁକ୍ତ ହୋଇ ସାର୍ଥକତାର କାର୍ଯ୍ୟ କରିବା ଦ୍ୱାରା ବିଶେଷ ସୁଖ୍ୟାତି ଲଭିଅଛନ୍ତି ଏବଂ ବର୍ତ୍ତମାନ ଏକ ଉଚ୍ଚପଦରେ ଅଛନ୍ତି । ଏହାଙ୍କ ନିଯୋଗରେ ସର୍ବସାଧାରଣ ସନ୍ତୋଷ ପ୍ରକାଶ କରୁଅଛନ୍ତି । ଏଥିରୁ ଆଶା ହେଉଅଛି ଯେ ସର କୋମର ପେଥେରମ ଯେମନ୍ତ ସୁଖ୍ୟାତି ସହିତ କାର୍ଯ୍ୟ ନିର୍ବାହ କରି ଅମ୍ଭମାନଙ୍କର ଭକ୍ତି ଓ ପ୍ରୀତିଭାଜନ ହୋଇଥିଲେ ଏ ମହାଶୟ ମଧ୍ୟ ସେମନ୍ତ ହେବେ ।

---

ବିଦ୍ୟାଳୟର ପାଠ୍ୟପୁସ୍ତକ ପ୍ରଣେତାମାନେ ପାଠ୍ୟପୁସ୍ତକ ନିର୍ବାଚନ କମିଟିଙ୍କଠାରେ ଏହି ମର୍ମରେ ଏକ ଆବେଦନପତ୍ର ପ୍ରଦାନ କରିଅଛନ୍ତି କି କମିଟିର କେହି କେହି ସଭ୍ୟ ପ୍ରଚଳିତ ପୁସ୍ତକର ପ୍ରଣେତା ଥିବାରୁ ସେମାନେ ସୁବିଚାର କରି ପାରୁନାହାନ୍ତି । ସ୍ୱାର୍ଥବାନ ବ୍ୟକ୍ତି ହାତରେ ବିଚାରର ଭାର ରହିବା କୌଣସିମତେ ଭଲ ନୁହେଁ ଏବଂ ଯେ ସ୍ଥଳେ ପ୍ରାୟ ସମସ୍ତ ପ୍ରଚଳିତ ପୁସ୍ତକ ପ୍ରଣେତା ଏହି ଆବେଦନ ପତ୍ରରେ ଯୋଗ ଦେଇ ଅଛନ୍ତି ସେ ସ୍ଥଳେ ସେମାନଙ୍କ ଶୁଦ୍ଧାଶ୍ରୀ ଅନାଦରଣ କୋଣସିମତେ ନ ଯାଇ । ସୁଖର ବିଷୟ ଯେ ପୁସ୍ତକ ନିର୍ବାଚନ କମିଟିର ବର୍ତ୍ତମାନ ସଭାପତି ମାନ୍ୟବର ବିଚାରପତି ଗୁରୁଦାସ ବାନାର୍ଜ୍ଜୀ ଅଟନ୍ତି ଏବଂ ସେ ଏହି ପ୍ରତାରଣ ଗୁରୁତ୍ୱ ଅନୁଭବ କରି ତାହା ନିବାରଣାର୍ଥ ଭେଳେସ୍ତ ଉପାୟ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି । ବିଚାରପତିଙ୍କଠାରେ ଅନ୍ୟାୟର ଆଶଙ୍କା ନାହିଁ । ସେ ନିଯୁମାବଳୀ ଧାର୍ଯ୍ୟ ହେଲେ ଅନ୍ୟାୟ୍ୟ ନିର୍ବାଚନ କମିଟି ଉଦ୍ଧାର ସୁଚତ ହେବେ କାରଣ ପ୍ରଚାରକଙ୍କର ଏରୂପ ଶୁଦ୍ଧାଶ୍ରୀ ସକଳ ସ୍ଥାନରେ ଶୁଣାଯାଏ ।

---

କଲିକତାରେ ଯୁବାମାନଙ୍କର ଉଚ୍ଚଶିକ୍ଷା ଉଦ୍ଧାଯ୍ୟ ସମ୍ମେଳନ ନାମରେ ଗୋଟିଏ ସମାଜ ସ୍ଥାପିତ ହେବାର ପାଠକମାନଙ୍କୁ ଜଣା ଅଛି । ସମାଜର ଉଦ୍ଦେଶ୍ୟ ଯୁବାମାନେ କଲେଜରୁ ଉତ୍ତୀର୍ଣ୍ଣ ହେଲା ଉତ୍ତାରୁ ଅଦ୍ଭୁତ ଅଧିକ ଶିକ୍ଷା ଲାଭ କରିବେ । କୁଚବିହାର ଷ୍ଟେଟଲ୍ ସ୍ତର ଉଲିୟଟ୍ ବାହାଦୁରଙ୍କର ଏ ସମାଜ ପ୍ରତି ବିଶେଷ ସହାନୁଭୂତି ଥିଲା । ସମ୍ପ୍ରତି ଏହି ସଭାର ଏକ ଅଧିବେଶନରେ ଏହି ପ୍ରସ୍ତାବ ଉପସ୍ଥିତ ହୋଇଥିଲା କି ଉଚ୍ଚଶିକ୍ଷା ପ୍ରଦାନରେ ଗବର୍ଣ୍ଣମେଣ୍ଟ ଯାହା ବ୍ୟୟ କରୁଅଛନ୍ତି ତାହା ବନ୍ଦ କରି ସେହି ଟଙ୍କାରେ ଶିଳ୍ପଶିକ୍ଷା ଦାନର ବନ୍ଦୋବସ୍ତ କରିବା ଉଚିତ । ସୁଖର ବିଷୟ ଯେ ଏହି ପ୍ରସ୍ତାବ ବିରୁଦ୍ଧରେ ଗୋଟିଏ ମତ ଅଧିକ ହେବାରୁ ଅଗ୍ରାହ୍ୟ ହେଲା । ଯେଉଁମାନେ ଉଚ୍ଚଶିକ୍ଷା ପାଇ ଅଛନ୍ତି ସେମାନଙ୍କ ସମାଜରୁ ଏପ୍ରକାର ପ୍ରସ୍ତାବ ବାହାରିବା ଅତ୍ୟନ୍ତ ଅସଙ୍ଗତ ଏବଂ ଏଥିରୁ ଏପରି ବୋଧ ହୁଅଇ ଯେ ଉଚ୍ଚଶିକ୍ଷା ପ୍ରତି ଅନେକ ଯୁବା ବିରକ୍ତ ହୋଇଅଛନ୍ତି ଏବଂ ତାହା ଜଣା ହେଲେ ସେମାନେ ରକ୍ଷା ପାଇବେ ।

---

ସିଂହଭୂମର ସୀମାନିକଟ ଏକ ଗ୍ରାମର ବାଲ୍ୟସମଣ୍ଡଳ ନାମକ ଜଣେ କୋଲଚଣା ଆପଣାକୁ ଭଗବାନଙ୍କର ଅବତାର ବୋଲି ପ୍ରକାଶ କରିବାରୁ ଚତୁର୍ଦ୍ଦିଗରୁ ଲୋକେ ସେଠାରେ ଏକତ୍ର ହୋଇଅଛନ୍ତି ଏବଂ ତାହାର ଜୟମତ ଧ୍ୱନି କରିଲେ । ସେ ପ୍ରଭୁ ଦିନ ଆପଣା ଘରର ଛପର ଉପରେ ବସି ବାଜା ବଜାଇ ଭବିଷ୍ୟତରେ କହୁଥିଲା କି ଭୂମ୍ୟମାନଙ୍କର ଦ୍ରବ୍ୟ ନାହିଁ ମୋହର ସ୍ୱାଧୀନ ହେଲା, ଅଭିଳାଷଙ୍କ ଗୁଳି ବାରୁଦ ପାଣି ହୋଇ ଗଲା । ପୁଲିସକୁ ଉପସ୍ଥିତ ହେଇ ବା-ହାର କରି ବନ୍ଦ ଅଂଚଳର ଲୋକ ଏହା ଶୁଣି ଛେଡ଼ିବାର ଶକ୍ତି ନ ରହିଲା ପାଣରେ ରହିଲେ ଏବଂ ଗୃହଅଭେଦ ଗଣ୍ଡଗୋଳ ଲାଗିଗଲା । ଲୋହାରଡଗାର ଡେପୁଟୀ କମିଶନର ସମ୍ବାଦ ପାଇ ତହସିଲକୁ ଗ୍ରେପ୍ତାର କରିବାର ଆଦେଶ ଦେଲେ । ମାତ୍ର ପୁଲିସ ମାଡ଼ ଖାଇ ଆସିଲେ । ତହୁଁ ଉକ୍ତ ଡେପୁଟୀ ସ୍ୱୟଂ ପୁଲିସସୁପରିଣ୍ଟେଣ୍ଡେଣ୍ଟ ତାହାକୁ ଓ ତାହାର ସଙ୍ଗୀ କେତେକଜଣଙ୍କୁ ଧରି ଆଣିବାରେ ବିଚାରରେ ଅପରାଧୀବର୍ଗ କାରାବାସ ଓ ଟଙ୍କା ଅର୍ଥଦଣ୍ଡ ହେଲା ଏବଂ ହାଇକୋର୍ଟରେ ଆପିଲ ବାହାର ହୋଇଅଛି । ଭଗବାନ ଯାହା ଆଗନ୍ତୁକ ଖାଲାସ ଯୋଗ୍ୟ ହେଲେ ନାହିଁ ।

---

ମାନନୀୟ ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତ ସି, ଆଇ, ଇ, ମହୋଦୟଙ୍କ ପ୍ରଣୀତ ଗାନ୍ଧା—ଏହି ନାମରେ ଗୋଟିଏ ବଙ୍ଗଳା ପୁସ୍ତକ କଲିକତା ଗ୍ରାମ ଇଂସ୍କୁଲର ହେଡ଼ମାଷ୍ଟର ପ୍ରଧାନ ଶିକ୍ଷକ ବାବୁ ଅକ୍ଷୟ ଘୋଷ ପ୍ରକାଶ କରିଅଛନ୍ତି ଏବଂ ସମ୍ପ୍ରତି ଓଡିଶା ବିଭାଗର କମିଶନରଙ୍କ ପରଷ୍ଟେନାଲ୍ ଆସିଷ୍ଟାଣ୍ଟ ବାବୁ ଗୋପାଳ ଚନ୍ଦ୍ର ଦାସ ଏମ୍, ଏ,ଙ୍କ ଦ୍ୱାରା ସେହି ପୁସ୍ତକ ଉତ୍କଳ ଭାଷାରେ ଅନୁବାଦିତ ଓ ପରିବର୍ଦ୍ଧିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବାହାର ଅଛି । ମାନ୍ୟବର ରମେଶଚନ୍ଦ୍ର ଦତ୍ତ ବର୍ତ୍ତମାନ ଓଡ଼ିଶାର କମିଶନର ଏବଂ ଏହା ବଙ୍ଗଦେଶୀୟ ଲୋକଙ୍କ ମଧ୍ୟରେ ପ୍ରଥମ କମିଶନର ଅଟନ୍ତି । ସେ ରାଜକାର୍ଯ୍ୟରେ କ୍ରମାଗତ ପ୍ରଶଂସା ଲାଭ କରି ଏତେ ଉଚ୍ଚପଦକୁ ଉଠି ଯେମନ୍ତ ସୁଖ୍ୟାତି ପୂର୍ବକ ତହିଁର ଗୌରବ ରକ୍ଷା କରୁଅଛନ୍ତି ପୁଣି ରାଜକାର୍ଯ୍ୟର ଗୁରୁ ଭାର ନିର୍ବାହ କରିବା ମଧ୍ୟରେ ଯଥେଷ୍ଟ ଅବସର ନାହିଁ ସେରୂପ ସମୟର ଅଧ୍ୟବସାୟ ଓ ଯୋଗ୍ୟତା ସହିତ ସାହିତ୍ୟ ଚର୍ଚ୍ଚାରେ ନିଯୁକ୍ତ ରହିଅଛନ୍ତି ତାହା ଓଡ଼ିଶାବାସିଙ୍କର ବିଶେଷରୂପେ ଜାଣିବା ଉଚିତ । ଏହି ଅଭିପ୍ରାୟରେ ଏ ପୁସ୍ତକ ପ୍ରସ୍ତୁତ ହୋଇଅଛି । ବୋଲିବା ବାହୁଲ୍ୟ ଯେ ଏହାର ଭାଷା ଏବଂ ଅନୁବାଦ ଉତ୍ତମ ହୋଇଅଛି ଏବଂ ଏଥିରେ ଦତ୍ତ ମହାଶୟଙ୍କର ମୁଖମଣ୍ଡଳ ଚିତ୍ରିତ ସୁନ୍ଦର ଛବି ସନ୍ନିବେଶିତ ହୋଇଅଛି । ଏହାର ମୂଲ୍ୟ ଟ ୦ ।୵ ମାତ୍ର ଅତଏବ ଏହି ସ୍ୱଳ୍ପମୂଲ୍ୟ ବ୍ୟୟ

Split by PDF Splitter
Digitized by srujanika@gmail.com

ଜଳ ଓ ସ୍ତ୍ରୀ ପୁସ୍ତକ ପଢ଼ିବାପାଇଁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁ ।

---

## ଫାରିଘାଟ ଶାସନ ।

ଫାରିଘାଟର ଅତ୍ୟାଚାର ଓ ଅପଘାତ ମୃତ୍ୟୁ ବିଷୟରେ ଅସ୍ମାକଙ୍କର ମାଜିଷ୍ଟ୍ରେଟ ସାହେବ ମନୋଯୋଗୀ ହୋଇ ସାଧାରଣଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି ସନ୍ଦେହ ନାହିଁ । ମାତ୍ର ଦୁଃଖର ବିଷୟ ଯେ ମହାନଦୀ ଘାଟର ଅପଘାତ ଉଣା ପଡ଼ିବାର ଜଣା ଯାଉ ନାହିଁ । ଯେଉଁଠାରେ ଅନବରତ ପଇସା ବୃଷ୍ଟି ଏବଂ ମାଝିମାନେ ବିଶେଷତଃ ନଦୀ ଅରପାରରେ ସର୍ବେ ସର୍ବା ସେଠାରେ ଦଳେ ଅର୍ଥେ ଟିକିଏ ତାଗିଦ କଲେ କି ସବୁ ସଜାଡ଼ି ହୋଇ ଯିବ ? ଇଜାରଦାର ଯେବେ ସାବଧାନ ହୋଇ ନଦୀର ଦୁଇପାର୍ଶ୍ୱରେ ମାଝିଙ୍କ ଉପରେ ତୀବ୍ର ଦୃଷ୍ଟି ରଖନ୍ତା ଏବଂ ଉପଯୁକ୍ତ ବେତନରେ ସଚ୍ଚରିତ୍ର ମାଝି ନିଯୁକ୍ତ କରି ପାରନ୍ତା ତେବେ ଯାତ୍ରୀକମାନେ ନିୟମିତ ସମୟରେ ପାର ହୋଇ ପାରନ୍ତେ ସୁତରାଂ ଉତ୍ପାତରୁ ରକ୍ଷା ପାଆନ୍ତେ । ମାତ୍ର ଇଜାରଦାର ସେପରି କଲେହିଁ ତାହାର ଲାଭ ଉଣା ପଡ଼ିବ ଏବଂ ମାଝିଙ୍କୁ ଅଧିକ ଶାସନରେ ରଖିଲେ ତୁଏତ ମାଝି ପାଇବାର କଠିନ ହେବ । ଟିକିଏ ସୁଯୋଗ ପାଇଲେ ଯେଉଁମାନେ ସରକାରୀ ଦେଓ୍ୱାଠାରୁ ଅମଲା ପର୍ଯ୍ୟନ୍ତ ଉପଯୁକ୍ତ ବେତନ ପାଇ ସୁଦ୍ଧା ଉପରିଲାଭର ଲୋଭ ଛାଡ଼ିପାରନ୍ତି ନାହିଁ ସେ ସ୍ଥଳେ ଘାଟ ଇଜାରଦାରର ଗୁମାସ୍ତାଠାରୁ ସେ ଆଶା କରିବା ଅସମ୍ଭବ । ଅଳ୍ପ ବେତନର ସରକାରୀ ଚାକର ଘାଟରେ ସର୍ବଦା ପରିଦର୍ଶକ କାର୍ଯ୍ୟରେ ନିଯୁକ୍ତ ରହିଲେ ମଧ୍ୟ ଭଲଫଳ ହେବ ନାହିଁ । ଘାଟ ଅତ୍ୟାଚାର ନିବାରଣର ଚେଷ୍ଟା ଅନେକ ହାକିମ ଅନେକ ଥର କରିଅଛନ୍ତି ଏବଂ ପୁଲିସ ଓ ଅନ୍ୟ କର୍ମଚାରୀ ଏଥିପାଇଁ ନିଯୁକ୍ତ ହୋଇଅଛନ୍ତି ମାତ୍ର ତଦ୍ୱାରା କିଛି ଫଳ ନ ହେବାର ଦେଖା ଯାଉଅଛି । କାଷ୍ଟୋଲିମାନେ ନାଲିସ କଲେ ଘାଟବାଲାର ଉତ୍ତମ ଶାସନ ହୁଅନ୍ତା । ମାତ୍ର କିଏ ଘୋଡ଼ାଏ ବା ଯୋଡ଼ାଏ ପଇସା ସକାଶେ ଘାଟରେ ପଡ଼ିରହି କାର୍ଯ୍ୟ ବା ସ୍ୱାସ୍ଥ୍ୟର କ୍ଷତି କରିବ ଅଥବା ନାଲିସର ତଦାରଖ ଓ ସମସ୍ତ କଷ୍ଟ ସ୍ୱୀକାର କରିବ ? ଅତଏବ ଘାଟପାର ସମ୍ବନ୍ଧରେ କେତେ ଗୁଡ଼ିଏ ଶକ୍ତ ନିୟମ କରିବା ଏବଂ ତାହା ଦୃଢ଼ରୂପେ ପ୍ରତିପାଳିତ ହେଉଅଛି କି ନାହିଁ ତହିଁର ଅନୁସନ୍ଧାନ କରିବା ଏବଂ ଟିକିଏ ଦୋଷ ପ୍ରକାଶ ହେଲେ ଫଉଜଦାରୀ ଅଦାଲତରେ ମାଝିମାନଙ୍କୁ ଦଣ୍ଡ ଦିଆଇବା ଭିନ୍ନ ଆଶାନୁରୂପ ଶାସନ ହୋଇ ନ ପାରେ । କଲେକ୍ଟର ସାହେବ ରଥଯାତ୍ରିଙ୍କ ପାର ହେବାର ସୁବିଧା ନିମନ୍ତେ ଯେମନ୍ତ ଜଣେ ଡେପୁଟି ନିଯୁକ୍ତ କରିଅଛନ୍ତି ସର୍ବଦା ସକାଶେ ସେହିପରି ୨।୪ ଜଣ ଡେପୁଟି ବା ସବଡେପୁଟି ନିଯୁକ୍ତ କରନ୍ତୁ ଏବଂ ଘାଟ ପାର ସମ୍ବନ୍ଧରେ ଅମ୍ଭେମାନେ ଏଥିପୂର୍ବେ ଯେ ସବୁ ନିୟମର ପ୍ରସ୍ତାବ କରିଅଛୁଁ ସେହି ସବୁ ଅଥବା ଆଉ ଯେ ସବୁ ନିୟମ ସେ ଉଚିତ ବିବେଚନା କରନ୍ତି ସେପରି ନିୟମ କରି ଦେଉନ୍ତୁ । ତାହା ହେଲେ ଅବଶ୍ୟ କିଛି ସୁଫଳ ଫଳିବ । ନିୟମର ବ୍ୟତିକ୍ରମ କିଛି ମାତ୍ର କାର୍ଯ୍ୟ ହେଲେ ଇଜାରଦାର ପ୍ରତି ଅର୍ଥଦଣ୍ଡ ଏବଂ ମାସୁଲର ଅତିରିକ୍ତ କିଛି ନେଲେ ମାଝିଙ୍କ ଫଉଜଦାରୀରେ ଦଣ୍ଡ ହେବାର ଉଚିତ । ଯେବେ ୨।୧ ଏହିପରି ଦଣ୍ଡ ହେବ ତେବେ ଇଜାରଦାର ଓ ମାଝିଙ୍କର ଚୈତନ୍ୟ ଉଦୟ ହେବ । କରେହି ଅବେ ଅର୍ଥେ ତାଗିଦ ବା ଅର୍ଥଦଣ୍ଡରେ କିଛି ଫଳ ହେବ ନାହିଁ । ପ୍ରତିଦିନ ଅନ୍ୟାୟ ଉପାୟ କରୁଥିବା ସ୍ଥଳେ ଦଳେ ଅର୍ଥେ ୨୫।୫୦ ଟଙ୍କା ଅର୍ଥଦଣ୍ଡ ଦେବାକୁ କିଏ କାହିଁକି କୁଣ୍ଠିତ ହେବ ?

---

## ଜଳର ବ୍ୟବସ୍ଥା ।

ବଙ୍ଗପ୍ରଦେଶର ଅନେକ ସ୍ଥାନରେ ଗତ ଗ୍ରୀଷ୍ମକାଳରେ ଜଳକଷ୍ଟ ଘଟିବାର ଅବଗତ ହୋଇ ବର୍ତ୍ତମାନ ବଙ୍ଗେଶ୍ୱର ତାହା ନିବାରଣର ଯେ ସମସ୍ତ ଉପାୟ ଚିନ୍ତା କରିଅଛନ୍ତି ସେ ସବୁ ଗତ ମଇମାସ ତା ୨୨ ରିଖ ଲିଖିତ ଖଣ୍ଡେ ସରକ୍ୟୁଲର ପତ୍ରରେ ବିସ୍ତାରିତରୂପେ ଲିପିବଦ୍ଧ ହୋଇ ସାଧାରଣ ସଭାସମିତି ଏବଂ ଜଳ ଓ ବଙ୍ଗୀୟ ହାକିମମାନଙ୍କର ଅଭିପ୍ରାୟ ଜାଣିବା କାରଣ ପ୍ରକାଶିତ ହୋଇଅଛି । ଭଇସରୟ ଅନାର୍ଯ୍ୟ ଗଭର୍ଣ୍ଣ ଏବଂ ବଙ୍ଗେଶ୍ୱର ମାନ୍ୟବର ସର ଆଲେକଜଣ୍ଡର ମାକେଞ୍ଜି ବାହାଦୁରଙ୍କ ପ୍ରସ୍ତାବମାନ ଯାହା କେହି ସେ ଏଥିର ବିଷୟରେ ଯେରୂପ ସଦାଶୟତା ଏବଂ ସହାନୁଭୂତି ପ୍ରକାଶ କରିଅଛନ୍ତି ତହିଁପାଇ ସେ ସର୍ବସାଧାରଣଙ୍କର କୃତଜ୍ଞତା ଭାଜନ ଅଟନ୍ତି । ଏବାନ୍ତ ଆଶା ଯେ ସର୍ବସାଧାରଣ ସେହିପରି ପ୍ରଶସ୍ତ ହୃଦୟତା ସହିତ ଏ ବିଷୟର ବିଚାର କରି ତହିଁର ଫଳ ଜଣାଇବେ । ଅମ୍ଭେମାନେ ସେହି ସରକ୍ୟୁଲରର ସାର ମର୍ମ ସାଧାରଣଙ୍କ ଗୋଚରାର୍ଥେ ନିମ୍ନେ ପ୍ରକାଶ କଲୁଁ । ଯଥା—

ପାଣିଯୋଗାଣ ସମ୍ବନ୍ଧରେ ବଙ୍ଗପ୍ରଦେଶର ନାନା ଜିଲ୍ଲାର ହାକିମମାନଙ୍କଠାରୁ ଯେସବୁ ରିପୋର୍ଟ ପ୍ରାପ୍ତ ହୋଇଅଛି ତହିଁରୁ ପ୍ରକାଶ ଯେ ଅନେକ ସ୍ଥାନ ଏପରି ଅଛି ଯେ ଦୀର୍ଘକାଳ ଅନାବୃଷ୍ଟି ହେଲେ ଜଳର ଦୁର୍ଭିକ୍ଷ ଉପସ୍ଥିତ ହେବା ବିଚିତ୍ର ନୁହେ । ଖାଦ୍ୟର ଦୁର୍ଭିକ୍ଷଠାରୁ ଜଳ ଦୁର୍ଭିକ୍ଷର ପ୍ରତିକାର ଅଧିକ କଷ୍ଟକର କାରଣ ତାହା ପୂର୍ବରୁ ଜଣାପଡ଼ି ନ ପାରେ ତମ୍ଭା ଅଳ୍ପସମୟରେ ତହିଁର ପ୍ରତିକାର ହୋଇ ନ ପାରେ । ସାଧାରଣ ସମୟରେ ମଧ୍ୟ ମନ୍ଦଜଳ ବ୍ୟବହାରଦ୍ୱାରା ଜ୍ୱର ଓଲଉଠା ପ୍ରଭୃତି ଘଟିବା ଦେଖା ଯାଉଅଛି । ଜଳକଷ୍ଟ ସମୟରେ ଲୋକେ ବାଧ୍ୟ ହୋଇ ପଙ୍କପୁଷ୍କରିଣୀ ଇତ୍ୟାଦିର ଜଳ ପାନ କରନ୍ତି ଏବଂ ତହିଁରେ ମଡ଼କ ଉପସ୍ଥିତ ହୁଏ । ପାନ ଏବଂ ରନ୍ଧନାଦି ସକାଶେ ବିଶୁଦ୍ଧଜଳ ଯୋଗାଇବାର ବ୍ୟବସ୍ଥା ଅନୁଶାସନ ଆଇନର ୮୮, ୮୯, ୯୦, ୧୧୮ ଏବଂ ୧୧୯ ଧାରାମାନଙ୍କରେ ଅଛି ମାତ୍ର ଅର୍ଥାଭାବରୁ ସେ ସବୁ କାର୍ଯ୍ୟକର ହୋଇ ପାରୁ ନାହିଁ । କେଉଁ ଜିଲ୍ଲାରେ ଜଳ ଯୋଗାଇବାର କି ଉପାୟ ଅଛି ଏବଂ ତହିଁର ଉନ୍ନତି ନିମନ୍ତେ କି କରିବା ଆବଶ୍ୟକ ଏ ବିଷୟ ଜାଣିବା କାରଣ ଗବର୍ଣ୍ଣମେଣ୍ଟ ତାଲିକା ପ୍ରସ୍ତୁତ କରାଉଅଛନ୍ତି । ମାତ୍ର ଅନାୟାସରେ ଜଣା ଯାଉଅଛି ଯେ ଜଳର ସୁବ୍ୟବସ୍ଥା କରିବା ସକାଶେ ଅନେକ ଅର୍ଥର ପ୍ରୟୋଜନ । ସମ୍ପ୍ରତି କେତୋଟି ଉପାୟ ଅଛି । ଯଥା—

୧—ବ୍ୟକ୍ତି ବିଶେଷର ବଦାନ୍ୟତା, ୨—ଭୂମି ଉନ୍ନତି ସାଧନାର୍ଥ ଆଇନାନୁସାରେ ଋଣ, ୩—ସ୍ଥାନୀୟ ଆତ୍ମଶାସନ ଆଇନର ୧୧୮ ଧାରା ଅନୁସାରେ ଗ୍ରାମ୍ୟସମିତିର ଗଠନ, ୪—ସେଡ଼ସେସ ଏଥିରୁ ପୂର୍ବପରି ଜମିଦାରପ୍ରଭୃତି ଧନାଢ୍ୟ ଲୋକମାନେ ଧର୍ମାର୍ଥେ ପୁଷ୍କରିଣୀ ଇତ୍ୟାଦି ଖନନରେ ପ୍ରବୃତ୍ତ ହେଉ ନାହାନ୍ତି ଏବଂ ଏହା ମଧ୍ୟ କଥିତ ହୁଏ ଯେ ପଥକର ଦେବା ଦ୍ୱାରା ଜମିଦାରମାନେ ଜଳ ଯୋଗାଇବାର ଦାୟରୁ ଅବ୍ୟାହତି ପାଇଅଛନ୍ତି । ଭୂମିର ଉନ୍ନତିସାଧନ ଆଇନାନୁସାରେ ଲୋକେ ନିଜ୍

ଅଭାବ ପୂରଣାର୍ଥେ ନୂଆ ଭଡ଼ାବାନ୍ଧ ଖୋଳାଇବାର ବନ୍ଦୋବସ୍ତ କରପାରନ୍ତି ମାତ୍ର ତଦ୍ଦ୍ୱାରା ବିଶେଷ ସାଧାରଣ ଉପକାରର ସମ୍ଭାବନା ନାହିଁ । ପ୍ରକୃତ ଏହି ଗ୍ରୀଷ୍ମକାଳର ଅତ୍ୟନ୍ତ ଜଳକଷ୍ଟ ସମୟରେ ଅଧିକ ଲୋକ ସେହି ଅଭିଜ୍ଞାନୁସାରେ ସାହାଯ୍ୟର ପ୍ରାର୍ଥନା କରୁଥାଆନ୍ତି । ଗ୍ରାମ୍ୟ ସମିତିଭୁ ଧା ୧୧୮ ର ଅନୁସାରେ ଯେଉଁ କ୍ଷମତା ଦିଆ ଯାଇଅଛି ତାହା ସାମାନ୍ୟ ଏବଂ କେବଳ ସାଧାରଣ ଜଳାଶୟ ତାହା ଉଚିତ ମାତ୍ର ସେପରି ଜଳାଶୟ ଅତ୍ୟଳ୍ପ ଅଛି । ଅବଶିଷ୍ଟ ଉପାୟ ପଥକର । ମାତ୍ର ପଥକରର ଆୟ ସଡ଼କ ଓ ପୋଲକୁ ଚଳାଇ ଏବଂ ଏଥିରୁ ଛାଣ୍ଟିଦେଲେ ଯାହା ଉଦ୍ବର୍ତ୍ତ ହେବ, ତଦ୍ଦ୍ୱାରା ବିଶେଷ କାର୍ଯ୍ୟ ହେବାର ଆଶା ନାହିଁ ଯେ ସବୁ ସଡ଼କ ପୂର୍ବେ ପ୍ରଦେଶୀୟ ଫଣ୍ଡରୁ ମରାମତ ହେଉଥିଲା ସେ ସବୁ ବର୍ତ୍ତମାନ ଡିଷ୍ଟ୍ରିକ୍ଟ ବୋର୍ଡ଼ଙ୍କୁ ଅର୍ପିତ ହେବାରୁ ପଥକର ଆୟ ଉପରେ ଟାଣ ପଡ଼ିବାର ଅପତ୍ତି ହୋଇଅଛି । ମାନ୍ୟବର ଲେପ୍ଟେନାଣ୍ଟ ଏଥିର ତଦନ୍ତ କରୁଥିଲେ । ଏହାଦ୍ୱାରା ବୋର୍ଡ଼ଙ୍କର ଆୟ ବିଶେଷ ବୃଦ୍ଧି ହେବାର ସମ୍ଭାବନା ନାହିଁ । ପାଉଣ୍ଡ ଆଦିର ଯେଉଁ ଅଂଶ ପ୍ରଦେଶୀୟ ଆୟ ଭୁକ୍ତ ହେଉଅଛି ଗ୍ରାମ୍ୟ ଆୟ ସ୍ଥାନୀୟ କାର୍ଯ୍ୟ ବିଶେଷତଃ ସଡ଼କ ଏବଂ ପୁଲ ଇମାରତର ବ୍ୟୟ ହେବା ଉଚିତ ବିବେଚନାରେ ଗବର୍ଣ୍ଣମେଣ୍ଟ ତାହା ଛାଡ଼ିଦେବାକୁ ପ୍ରସ୍ତୁତ ଅଛନ୍ତି । ଯେବେ ତାହାଙ୍କର ଅନ୍ୟ ପ୍ରସ୍ତାବମାନ ସ୍ୱୀକୃତ ହେବ ତେବେ ସେ ଛାଡ଼ିଦେବେ । ମାତ୍ର ଲେଖକଙ୍କର ବିଶ୍ୱାସ ରୂପେ ଜାଣିବା ଉଚିତ ଯେ ଏଥିରୁ ଅଧିକ କିଛି ଦେବାକୁ ସେ ପ୍ରସ୍ତୁତ ନାହାନ୍ତି । ଅତଏବ ବର୍ତ୍ତମାନ ଯେ ସମସ୍ତ ଆୟ ଅଛି ସେ ସମସ୍ତ ଜଳାଶୟ ବୃଦ୍ଧି ଏବଂ ଉନ୍ନତି ନିମନ୍ତେ ଯଥେଷ୍ଟ ନ ହେବାରୁ ଅଧିକ ଅନ୍ୟାନ୍ୟ ଟାଙ୍କ ଖୋଜିବା ଉଚିତ ଅବଶ୍ୟକ ହୋଇଅଛି । ସନ ୧୮୯୦ ସାଲରେ ମେ ସମୟର ଲେପ୍ଟେନାଣ୍ଟ ମାନ୍ୟବର ସର୍ ଷ୍ଟୁଆର୍ଟ ବେଲି ବାହାଦୁର ସ୍ୱାସ୍ଥ୍ୟ ଏବଂ ପ୍ରାଥମିକ ଶିକ୍ଷାର ଓ ଅନ୍ୟାନ୍ୟ କର ବସାଇବା ସମ୍ବନ୍ଧରେ ଏକ ପ୍ରସ୍ତାବ କରଥିଲେ । ମାଂଏ ବର୍ତ୍ତମାନ ଲେପ୍ଟେନାଣ୍ଟ ଉପଯୁକ୍ତ ହେଉ ନ ଦେଖାଇ ଅନ୍ତର୍ଗତରୁ ବିଶେଷ ଅସାଧ୍ୟ ଭାବିଅଛନ୍ତି । ମାନନୀୟ ବାହାଦୁର ବିବେଚନା କରନ୍ତି କି ଗ୍ରାମ୍ୟ ସମିତିମାନଙ୍କୁ କେବଳ ଉତ୍ତମ ସ୍ୱେଚ୍ଛାଧୀନ ଟିକସ ଆଦାୟ କରିବାର ଅଧିକାର ଦେବା ଉଚିତ । ତାହା ହେଲେ ସାଧାରଣ ନୂଆ ଟିକସ ବସାଇବାର ଅସନ୍ତୋଷ ଲୋକଙ୍କ ମନରେ ଜାତ ହେବ ନାହିଁ ଏବଂ ଯେଉଁଠାରେ ଯେ ପରିମାଣ ଅର୍ଥ ପ୍ରୟୋଜନ ହେବ ସେ ସ୍ଥାନର ସମିତି ସେ ପରିମାଣ ଆଦାୟ କରିବାକୁ ସମର୍ଥ ହେବେ । ଏହି ବିବେଚନାରେ ସେ ସର ଚାର୍ଲସଙ୍କର ଅନ୍ୟ ଦୁଇ ପ୍ରସ୍ତାବର ଯୋଗଦାନ କରି ଗ୍ରାମ୍ୟ ସମିତିମାନଙ୍କୁ ମିଉନିସିପାଲିଟୀ ପରି ଲୋକଙ୍କ ଅବସ୍ଥାନୁସାରେ ଟିକସ ବସାଇବାର ଏବଂ ଡିଷ୍ଟ୍ରିକ୍ଟ ବୋର୍ଡ଼ଙ୍କୁ ସଡ଼କ ଏବଂ ପୁଲ ଉପରେ ଟୋଲକର ନେବାର ଅଧିକାର ଦେବାକୁ ଇଚ୍ଛା କରି ସେହି ଅଭିପ୍ରାୟ ସାଧନ ନିମନ୍ତେ ଆଇନ ସଂଶୋଧନର ପାଣ୍ଡୁଲିପି ପ୍ରସ୍ତୁତ କରିଅଛନ୍ତି । ଏହି ଦୁଇ ପ୍ରସ୍ତାବର ସଂକ୍ଷେପ ମର୍ମ ଏହିକି ଗ୍ରାମ୍ୟ ସମିତିମାନେ ଆପଣା ଏଲାକାର ବାସିନ୍ଦାଙ୍କ ଉପରେ ସେମାନଙ୍କ ଅବସ୍ଥାନୁସାରେ ଟିକସ ବସାଇବେ ଏବଂ ତହିଁର ଆୟ ଗ୍ରାମର ସ୍ୱାସ୍ଥ୍ୟ ସାଧନ ଉଦ୍ଦେଶ୍ୟରେ ବ୍ୟୟ କରିବେ ମାତ୍ର କୌଣସି ବ୍ୟକ୍ତିର ଟିକସ ବାର୍ଷିକ ଟ ୮୪ ଙ୍କାରୁ ଅଧିକ ହେବ ନାହିଁ । ଟୋଲ କର ସମ୍ବନ୍ଧରେ ଏହି ପ୍ରସ୍ତାବ ହୋଇଅଛି କି କୌଣସି ସଡ଼କ ଅଥବା ପୁଲ ନିର୍ମାଣ ହେଲେ ତହିଁର ଲାଗତ ହୋଇ ଥିବା ଟଙ୍କା ଓ ତହିଁର ସୁଧ ଏବଂ ମରାମତି ଖରଚ୍ ନିମନ୍ତେ ଯେତେ ମୂଳଧନ ପ୍ରୟୋଜନ ହେବ ସେହି ସମସ୍ତ ଟଙ୍କା ଆଦାୟ ହେବା ପର୍ଯ୍ୟନ୍ତ ଉକ୍ତ ସଡ଼କ ବା ପୁଲରେ ଗତାୟାତ କରିବା ଯାନ ଏବଂ ପଶୁ ଇତ୍ୟାଦିଙ୍କ ଠାରେ ମାସୁଲ ଆଦାୟ ହେବ ।

ଉପରେ ଲିଖିତ ଦୁଇ କର ଅର୍ଥାତ୍ ଲୋକଙ୍କ ଅବସ୍ଥାନୁସାରେ ଟିକସ ଏବଂ ଟୋଲ ମାସୁଲ ମିଉନିସିପାଲିଟୀ ଆଇନର ଅନୁକରଣରେ ଆଦାୟ ହେବାର ପ୍ରସ୍ତାବ ହୋଇଅଛି । ମାନ୍ୟବର ଲେପ୍ଟେନାଣ୍ଟଙ୍କ ବିବେଚନାରେ ଏହି ଦୁଇ ଉପାୟରେ ଡିଷ୍ଟ୍ରିକ୍ଟ ବୋର୍ଡ଼ ଏବଂ ଗ୍ରାମ୍ୟ ସମିତିମାନଙ୍କୁ ବର୍ଦ୍ଧିତ ଶକ୍ତି ଅଥଚ ଚିରସ୍ଥାୟୀ ଅର୍ଥ ମିଳିବ ଯେ ତାହା ମୋଫସଲର ସ୍ୱାସ୍ଥ୍ୟରକ୍ଷା ଇତ୍ୟାଦିର ବ୍ୟୟ ନିର୍ବାହ ନିମନ୍ତେ ଅପ୍ରତୁଳ ହେବ ନାହିଁ । ମାତ୍ର ଯେ ସ୍ଥଳେ ସମୁଦାୟ କର୍ତ୍ତୃତ୍ୱ ସ୍ୱେଚ୍ଛାଧୀନ ଅଟେ ସେ ସ୍ଥଳେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଏହା ପରିବର୍ତ୍ତନ କରିବାକୁ ସଂଶୋଧନ କ୍ଷମତା ହେବା ଅବଶ୍ୟକ । ଏପରି ଅବସ୍ଥାରେ ନିମ୍ନଲିଖିତ କରର ପ୍ରସ୍ତାବ କରିବାକୁ ହେଉଅଛି ଯେ ତହିଁ ଅନୁକୂଳରେ ମତ ହେଲେ ସଂଶୋଧିତ ପାଣ୍ଡୁଲିପିରେ ତାହା ଯୋଗ ହୋଇ ଯିବ । ଯଥା :—

ଶୀତ ବାଦ୍ୟ ମାସୁଲ ସୁଲାସର ଅନୁମତି ଅନୁସାରେ ଯେ ସବୁ ଦଳ ନାଚବାଦ୍ୟ ସହିତ ବାଣ୍ଡୁ ବାହାରିବ ସେହି ଦଳଠାରୁ ଏହି ମାସୁଲ ଉଠାଯିବ । ପାଟନା ମିଉନିସିପାଲିଟୀରେ ଏହି ମାସୁଲ ନିଆ ଯାଉଅଛି । ଆଉ ସମସ୍ତ ମିଉନିସିପାଲିଟୀରେ ଏହା ଜାରି ହେବାର ଯେପରି ପ୍ରସ୍ତାବ ହୋଇଅଛି ସେହିପରି ମୋଫସଲର ଗ୍ରାମ୍ୟ ସମିତି ମାସୁଲ ଆଦାୟ କରିପାରିବେ ।

ଜବାବ ରସୁମ—ବିବାହ ସମୟରେ ଅନେକ ପ୍ରକାର ଚାନ୍ଦା ଆଦାୟ କରିବାର ପ୍ରଥା ପ୍ରଚଳିତ ଅଛି । ଗ୍ରାମ୍ୟ ସମିତି ଗ୍ରାମର ହିତାର୍ଥେ ଚାନ୍ଦା ନେଲେ ଅସଙ୍ଗତ ହେବ ନାହିଁ ଏବଂ ଲୋକେ ତାହା ଅନାୟାସରେ ଦେବେ । ।

ସଗଡ଼ ଟିକସ—ଯେମନ୍ତ ମିଉନିସିପାଲିଟୀରେ ସଗଡ଼ ରେଜିଷ୍ଟ୍ରୀ ହେଉଅଛି ସେହିପରି ମୋଫସଲରେ ହେବ ଏବଂ ବର୍ଷମଧ୍ୟରେ ଥରେ ବା ଦୁଇଥର ରେଜିଷ୍ଟ୍ରୀ ସମୟରେ ଟିକସ ଆଦାୟ ହେବା କଥା ତାହାଉପରେ ବାଧକ ନାହିଁ ବନ୍ଧୁ ଲକ୍ଷ ପଡ଼ିବ ନାହିଁ । ଏହି ସମସ୍ତ ଗବର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବ ଅଟେ । ଏ ସମ୍ବନ୍ଧରେ ଲୋକଙ୍କର ଯାହା ବକ୍ତବ୍ୟ ଅଛି ଶୀଘ୍ର ପ୍ରକାଶ କରିବା ଉଚିତ ।

---

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

[illegible] ସ୍କୁଲର [illegible] ମି ଏ, ବି, [illegible] ଛୁଟି ପ୍ରାପ୍ତ ହେଲେ ।

[illegible] ବଙ୍ଗଳାବୁଣି କଲେଜର ବାବୁ [illegible] ସୋମାନେ ଦୁଇ [illegible] ପ୍ରାପ୍ତ ହେଲେ ।

[illegible] ସ୍କୁଲର ହେଡ଼ମାଷ୍ଟର ବାବୁ [illegible] ଗବର୍ଣ୍ଣମେଣ୍ଟ ସ୍କୁଲର ହେଡ଼ମାଷ୍ଟର ପଦରେ ଏବଂ [illegible] କଲେଜିଏଟ ସ୍କୁଲର ୨ୟ ଶିକ୍ଷକ ବାବୁ [illegible] ସ୍କୁଲର ପ୍ରଧାନଶିକ୍ଷକ ପଦରେ ନିଯୁକ୍ତ ହେଲେ ।

[illegible] ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ବାବୁ [illegible] କଲେଜିଏଟ ସ୍କୁଲର ୨ୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ ।

[illegible] ବାବୁ [illegible] ଦିନଠାରୁ [illegible] ହୋଇଅଛନ୍ତି ।

---

ଏ ସପ୍ତାହରେ ପ୍ରାୟ ପ୍ରତ୍ୟହ ଅଳ୍ପାଧିକ ବୃଷ୍ଟି ହେବାରୁ ବାୟୁ ଶୀତଳ ହୋଇଅଛି । ଜ୍ୱରର ପ୍ରକୋପ ପୂର୍ବ ସପ୍ତାହରୁ ଊଣା ନ ହୋଇ ବରଂ ବୃଦ୍ଧି ହେଉଅଛି ।

ମହାନଦୀ ଓ କାଠଯୋଡ଼ୀ ନୂତନ ହେଉ ବେଗରେ ବହୁଅଛି । ଗତ ବାର ୨୫ଫୁଟପର୍ଯ୍ୟନ୍ତ ଜଳ ଉଠିଥିଲା । ଏଥିରେ ମୋଫସଲର ଅନେକ ସ୍ଥାନରେ କୂଳ ଲଙ୍ଘନ କଲାରେ ପାଣି ପଶିଥିବ ।

କଟକ ମ୍ୟୁନିସିପାଲିଟିର ମେମ୍ବର ପଦ ଖାଲି ହେବାରୁ ସ୍ଥାନୀୟ ଗ୍ରାସ୍କୁଲ ମଧୁସୂଦନ ଦାସ ଉମେଦବାର ହୋଇ ଅଛନ୍ତି ।

ଜଗଦସିଂହପୁରରେ ଗୋଟିଏ ଡାକ୍ତରଖାନା ଖୋଲିବାର ସ୍ଥିର ହୋଇ ଜଣେ ଡାକ୍ତର ନିଯୁକ୍ତ ହୋଇଅଛନ୍ତି । ଔଷଧପତ୍ର ଆସିବାମାତ୍ରେ କାର୍ଯ୍ୟାରମ୍ଭ ହେବ ।

ଉତ୍ତରପଶ୍ଚିମ ଗୋରଖପୁରରେ ଏକପ୍ରକାର ସ୍ମୃତି ଅଦ୍ଭୁତ ହୋଇଥିବାର ସମ୍ବାଦ ମିଳଇ । ଜନ୍ମ ସମୟରେ ଏକ ପ୍ରକାର ରଙ୍ଗ ଧାରଣ କରେ ଅର୍ଥାତ୍ ପ୍ରାତଃ କାଳରେ ଧଳା ମଧ୍ୟାହ୍ନରେ ନାଲି ଏବଂ ସନ୍ଧ୍ୟା ସମୟରେ ନୀଳବର୍ଣ୍ଣ ହୁଅଇ ।

ଅଯୁର୍ଦ୍ଧ୍ୱର ବନ୍ଧୁକପାଠର ଜଣେ ପ୍ରେଷ ଅଙ୍କିତ ହେଉ ବ ୧୧୧ ଓ ବର୍ଷାକାଳରେ ଶରୀରେ ସମ୍ପନ୍ନ ହେବାର ସମ୍ବାଦ ମିଳଇ । ସନ ୧୬୫୮ ମସୀହାର ଅଯୁର୍ଦ୍ଧ୍ୱ ଦରୋଗାରେ ଏ ଲୋକ ପ୍ରଧାନ ଉଦ୍ୟୋଗୀ ଥିଲେ ଏବଂ ମୃତ୍ୟୁପର୍ଯ୍ୟନ୍ତ ସ୍ୱାସ୍ଥ୍ୟର ବିଶେଷ କିଛି ଅନିଷ୍ଟ ହୋଇ ନ ଥିଲା ।

ଅମେରିକାର ଉତ୍ତରାଞ୍ଚଳ ହିମ୍ପଶାୟରର ମେଘ ପରୀକ୍ଷା ହେଉଥିବାର ସମ୍ବାଦ ମିଳଇ । କପଡ଼ କଲ ସ୍ଥଳରେ ମେଘମାନ ସଂଯୁକ୍ତ ହୋଇ ବୃଷ୍ଟି ହୁଏ ତାହା ସ୍ଥିର କରିବା ଏହାର ଉଦ୍ଦେଶ୍ୟ । ଏ କାର୍ଯ୍ୟ କରିବାକୁ କର୍ତ୍ତୃପକ୍ଷ ସଭାର ସ୍ଥିର ହୋଇଅଛି । ଅସ୍ମାନଙ୍କର ସ୍ୱଦେଶ ଜ୍ୟୋତିର୍ବିତ୍ମାନେ ଏଥି ସମ୍ବନ୍ଧ ସ୍ଥିର କରି କେବଳ ଦେଖନ୍ତି କାହିଁ ଦେଇଥିଲେ ଏବଂ କେଉଁ ବର୍ଷ କେଉଁ ସମୟ ବୃଷ୍ଟି ହେବ ତାହା ସ୍ଥିର କରିବାର ଉପାୟ କରିଥିବାରୁ ଅଦ୍ୟାପି ପଞ୍ଜିକାରେ ତାହା ଲେଖା ଯାଉଅଛି ।

ଅଯୁର୍ଦ୍ଧ୍ୱର ଅସ୍ତ୍ର ଅଧ୍ୟକ୍ଷ ଉଚ୍ଚ ହେବା ଆଗରୁ ସେଉଁ କମିସନ ନିଯୁକ୍ତ ହୋଇଥିଲା ସେଥିର ରିପୋର୍ଟ ପ୍ରାୟ ପାଞ୍ଚକୋଟି ମୁଦ୍ରା ଅଭାବର ଚିହ୍ନ ଅପାୟ ହୁଅଇ ।

ବୁନ୍ଦେଲଖଣ୍ଡରେ ନେଲନ୍ଦମ ହଳେ ବାଘମାନ ଯେ କ୍ଷୁଧାର୍ତ୍ତ ହୋଇଥିବାର ସମ୍ବାଦ ମିଳଇ ।

ଅଙ୍ଗ୍ରେଜ ରାଜପୁରୁଷ ଏହିକ ସେନା ପେଷର ନେବାର ଉଦ୍ଦେଶ୍ୟ ଗବର୍ଣ୍ଣମେଣ୍ଟ ସ୍ଥିର କରିଅଛନ୍ତି ।

କଟକରୁ ଏକ ସମ୍ବାଦ ପତ୍ରରେ ଲେଖାଅଛି ଯେ ଜଣେ ଅନ୍ଧ ବାଳକ ପ୍ରାୟ ଦଶ ବର୍ଷରେ ଉତ୍ତୀର୍ଣ୍ଣ ହୋଇ କଲିକତାର ଏକ ସ୍କୁଲରେ ଅଙ୍ଗ୍ରେଜୀର କାର୍ଯ୍ୟ କରିବେ । ଏହିକି ପ୍ରଥମରେ ଉନ୍ନତି ହେବ ।

ମାଉନ୍‌ଟଆବୁରେ ଅଦ୍ୟ ଶାନ୍ତି ରକ୍ଷଣ ହୋଇ ନାହିଁ । ଗତ ମାସ ତା ୪ ରଖରେ କର୍ଣ୍ଣେଲ ଟୁମରଙ୍କ ସେନା ସେଠି ବିଦ୍ରୋହୀଙ୍କ ସଙ୍ଗେ ସାକ୍ଷାତକାର ଉପସ୍ଥିତ ସେମାନଙ୍କୁ ଘାଟି ଦେଇଥିଲା ଓ ସଂସାରଙ୍କ ପକ୍ଷରୁ ଡ ୨୩ ଣ ହତ ଆହତ ହୋଇଅଛନ୍ତି । ମାତ୍ର ବିଦ୍ରୋହୀମାନଙ୍କ ମଧ୍ୟରୁ ୧୦୦ ଣ ହତ ହୋଇଥିବାର ସମ୍ବାଦ ମିଳଇ । ଏହି ଘଟଣାରୁ ଉପସ୍ଥିତ ଗୋଲମାଳ ଅସ୍ପଷ୍ଟ ହୁଏ ହୋଇଅଛି ।

କଟକ ଅଟକ ପ୍ରଯୋଗ ସ୍ଥାନର ଉକ୍ତାରମ୍ଭସମ୍ଭାନ୍ତ ଏକ କାର୍ଯ୍ୟର ସୀ ଅପଣାର ସନ୍ତାନ ସେଠ ଅପର ବାଳକ ସଙ୍ଗେ ଖେଳାଇବା ପରେ ମୃଷ୍ଟା ଗୋଳା ଖୋଜି କରି ଶୀଘ୍ର ଅର୍ଥ ଅପର ର ସରେ ରଖିଲ । ପ୍ରତିବାସୀମାନେ ମୃଷ୍ଟାର ଏ କାର୍ଯ୍ୟରେ ସନ୍ତୁଷ୍ଟ ନ ହୋଇ ନେଇ ଆଶ ତାକୁ ଜାତରୁ ଅନ୍ତର କଲେ । ଏଥିରେ ମୃଷ୍ଟା ଚଣ୍ଡାଳ ଭଳି ହୋଇ ବନ୍ଧ ସବୁ କାଳରେ ସୀ ଶୋଇଥିବା ସମୟରେ ତାହାର ଗୋଟିଏ ମାତ୍ର ପଚାଇ ଖଣ୍ଡରେ ପଥର ଓ ମାଟିଗଣ୍ଡି ମାଠିଅ ବାନ୍ଧି ପୋଖରୀରେ ପକାଇ ଦେଲା । କେତେକ ଦିନ ଏ କଥା ପ୍ରକାଶ ହୁଏ ହେବାରୁ ପୁଲିସ ଏକ ବାହାର କରି ଚଣ୍ଡାଳକୁ ଗ୍ରେପ୍ତାର କରିଅଛନ୍ତି । ଦୁଷ୍ଟା ସୀ ସେଠି କେତେକ ସୁଖ ଦୁଃଖ କାଟୁ ।

## ଲୁଣି ପାଲ-ସମ୍ବାଦ ।

ଏଠା ବର୍ଷା ଜଣଶ ଲୁଣୁଡ଼ା ଘାଟରେ ଗୋଟିଏ ବଡ଼ ନୌକା ଯାଉଅଛି ।

ଜଳେଶ୍ୱରପୁର ମୌଜାରେ ଗୋଟିଏ ସୀ ଦୁଇଗୋଟି ମୁଣ୍ଡ ଯୁକ୍ତ ଗୋଟିଏ କନ୍ୟା ପ୍ରସବ କରିଅଛି । ଗୋଟିଏ ମୁଣ୍ଡରେ ନାସିକା, କର୍ଣ୍ଣ ପ୍ରଭୃତି ଅଛି ଅନ୍ୟଟିରେ ନାହିଁ । କନ୍ୟାଟି ଜୀବତ ଥିବାର ବୃତ୍ତିରେ ଅଶ୍ଚର୍ଯ୍ୟ କିଛି ନାହିଁ ।

କୋଟପଦା ମଧ୍ୟମ ଶ୍ରେଣୀ ଇଂରାଜୀ ବିଦ୍ୟାଳୟରେ ଜଣେ ନୂତନ ହେଡ଼ମାଷ୍ଟର ନିଯୁକ୍ତ ହୋଇଅଛି । ସ୍କୁଲଟିର ସ୍ଥାୟିତ୍ୱ ଅପେକ୍ଷାରେ ପଡ଼ି ରହିଛି ।

ଲୁଣିପାଳ ନିକଟରେ ବଲୁଆ ନଦୀରେ ଜଣେ ପାଇକ ଏକଦିନ ଜଳ ମଧ୍ୟରେ ବସି ସ୍ନାନ କରୁଥିବା ସମୟରେ ଗୋଟିଏ କୁମ୍ଭୀର ଆସି ତାହାର ଅଣ୍ଟରେ କାମୁଡ଼ି ଆକ୍ରମଣ କରନ୍ତେ ପାଇକ ତାକୁ ଦୃଢ଼ ଧରି ନଦୀ ମଧ୍ୟରୁ ପଳାଇ ଆସିଲା । ପ୍ରକୃତ ତାହାର ଦୁଇଦିନ ପରେ ନୂଆଗାଁ ଗ୍ରାମର ଗୋଟିଏ ସୀ ନଦୀରେ ସ୍ନାନ କରୁଥିବା ସମୟରେ ତାହାର ଗୋଡ଼ ଧରି ଆକ୍ରମଣ କରିବାରୁ ସୀଟି ଗୋଡ଼ ଛଡ଼ାଇ ପଳାଇ ରକ୍ଷା ପାଇଅଛି । ନଦୀରେ ଜାଲ ମାରିବା ସମୟରେ ତାକୁ ଧରିବାର ଶୁଣାଯାଏ । ଏ ଦୁଷ୍ଟର ମରଣ ବାଞ୍ଛନୀୟ ।

ବିଶେଷ ବର୍ଷା ନ ହେଉଥିଲେ ମଧ୍ୟ ବର୍ଷାର ଅଭାବ ନାହିଁ । କେବଳ ସ୍ଥାନୀୟ ନଦୀ ନଳ ଜୁଡ଼େ । ବୁଧବାର ଦିନ ଏଠି ହୋଇ ପ୍ରଚୁର ବର୍ଷା ହୋଇଅଛି ।

ପ୍ରଥମଶ୍ରେଣୀ କେନାଲରେ ଜଳ ଅସିଥିଲେ ମଧ୍ୟ ଜୁଲାଇ ଦେଶବସି ଅଫିସର ମହାଶୟଙ୍କ ସହାୟତାରୁ ପ୍ରଜାମାନେ ଜମିରେ ଜଳ ଦେଇ ପାରୁନାହାନ୍ତି । ଏ ବିଷୟରେ ଉପ୍ରେସ୍ତ ଦୃଷ୍ଟି ଆବଶ୍ୟକ । ପ୍ରଜାମାନେ ଉଚିତର ଶୀଘ୍ରରେ କାମ ହୋଇ ଉଠିବ ।

ଲୁଣିପାଳ ନିକଟରେ ପ୍ରଥମଶ୍ରେଣୀ କେନାଲରେ ଯେଉଁ ହୋଲ ଭଙ୍ଗା ପଡ଼ିଅଛି ତାହା ବୁଜି ଉନ୍ନତିବାରୁ ଲୋକଙ୍କର ଯାତାୟାତରେ ବିଶେଷ କଷ୍ଟ ହେଉଅଛି । ସ୍ଥାନୀୟ ଅଫିସର ମହାଶୟଙ୍କର ଏ ବିଷୟରେ ଦୃଷ୍ଟି ଦେବା ଉଚିତ ।

ଗତ ପୂର୍ବେ କୋଟପଦା ମଠରେ ୬୮ ବିଭ ଚୋରି ଯାଇ ହୋଇସାରିଅଛି । ପୁନଃଶ୍ଚ ଲୁଣିପାଳରେ ଗ୍ରାମ୍ୟ ସର୍ବେ ଗୋଲକରକୁ ଦୋଷ ମହାଶୟଙ୍କ କୋଠାରେ ହେବାର ଶୁଣାଯାଏ । ତାକୁ ମକଦ୍ଦମା ସ୍ଥାନରେ ଥିବାରୁ ହେବାର ଭୟ ଯଥେଷ୍ଟ ଅଛି ।

## ପୁରୁଷ-ସମ୍ବାଦ ।

ମୁକ୍ତିଶାଳୀ ମୋହଦର ବାବୁ ଦ୍ୱାରକାନାଥ ମିଶ୍ର ସୁଶ୍ରୀୟୁକ୍ତ ଶ୍ରୀ ଚକ୍ରଧର ପଟ୍ଟନାୟକଙ୍କ ସମ୍ବନ୍ଧେ ଅପରାଧ ଜଜକୋର୍ଟରେ ପହଞ୍ଚି ସୁଦରଳି ପାର୍ଶ୍ୱବେଳ ପୁଣ ପ୍ରସ୍ତର ଏକଜଣ ମୁନ୍ସିଫ ଭମାନ ଜମାବାର ସମଚାରମ୍ଭ କରିବାର ଦେଖି କରେଥ କଚରାଳଷ ଅମାନତ ହୋଇଥିବାରୁ ସେଥିର ନାଲିଶ ଫଇସଲାରେ ଚଳୁଅଛି ।

ମାର୍କଣ୍ଡପୁରପଞ୍ଚୋବାର ସ୍ୱର୍ଗୀୟ ବଉଶାଳି ଓ ସୁଲସ ସ୍ୱଗତି ଲିଭସ୍ ମୋକଦ୍ଦମା ବାବୁ ଉଦୟକୃଷ୍ଣ ବାନାର୍ଜୀ ଇଃ ମାଃ ମହୋଦୟଙ୍କ ନିକଟରୁ ସୁପର୍ଦ୍ଦ ହେବାରୁ ଅଣ୍ଡ୍ରେ ଦର ଶାସ୍ତି ମୋକଦ୍ଦମା ଶୁଣାଣିର ଅଭିଯୋଗ ହେବା ପର କେତେକ ସପ୍ତାହ ଲଗାଯାଇଅଛି ।

ଏଠା ଜଗତ୍‌ସିଂହ ରୋଡ଼ ମାଷ୍ଟର ବାବୁ ଗୋପାଳଚନ୍ଦ୍ର ସରକାର ଗଡ଼ କଟକଠାରେ ଯାଉଥିବାରୁ ଗୁପ୍ତ ଅର୍ଥରେ ବୃତ୍ତିକ କଲେଜିଏଟ ସ୍କୁଲ ସେକେଣ୍ଡ ମାଷ୍ଟର ବାବୁ ଶ୍ରୀଶଚନ୍ଦ୍ର ବାନାର୍ଜୀ ଏଠାକୁ ଆସିଅଛନ୍ତି । ହେଡ଼ ମାଷ୍ଟର ମହୋଦୟ ଜଣେ ଚକ୍ରବର୍ତ୍ତୀ ଓ କାର୍ଯ୍ୟ ଦକ୍ଷ ଥିଲେ ।

ଏ ସପ୍ତାହରେ ଓଡ଼ିଶାମଧ୍ୟରେ ଓଳା ଉଠାଇ ବିଶେଷ ଉପଦ୍ରବ ଲାଗିଅଛି । ଏପର୍ଯ୍ୟନ୍ତ ଛଅ ଜଣ ଉକ୍ତ ରୋଗରେ ପ୍ରାଣ ହରାଇଅଛନ୍ତି ।

## ଖାଜପୁର-ସମ୍ବାଦ ।

ଏଠା ପୌଲିକାର ପେଷ୍ଟାର ନୂତନ ଅବଶୂନ୍ୟ ସମସ୍ତ କଟକ ପୌରକାର ଉପକାର ନିଃସ୍ୱାର୍ଥ ଧର୍ମରେ ନିଯୁକ୍ତ ହୋଇଅଛନ୍ତି । ସେ ବିଶେଷ କାର୍ଯ୍ୟ ଦକ୍ଷ ଏବଂ ସମସ୍ତଙ୍କ ସହିତ ମେଳ ରଖିଥିବାରୁ ... ... ... ପଦଦୂତଙ୍କ ତାଙ୍କର ପଦୋନ୍ନତିରେ ସେହିପରି ସନ୍ତୋଷ ଅଛନ୍ତି ।

ଗତ ମଙ୍ଗଳବାର ଠାରୁ ଲଗାଏ ବର୍ଷା ଆରମ୍ଭ ହୋଇ ଅଛି ସେହିଦିନ ସ୍ଥଳରେ ମା ୧୬ ଇଞ୍ଚ ଜଳ ବର୍ଷିଥିଲା, ଏହାଦ୍ୱାରା ଚାଷ କାର୍ଯ୍ୟର ଅନେକ ସୁବିଧା ହୋଇଅଛି ।

ସ୍ୱର୍ଗ ପଣ୍ଡାମାନଙ୍କର ସାତ୍ତ୍ୱିକଗୋମାସ୍ତାମାନେ ପ୍ରାୟ ସମସ୍ତେ ହିନ୍ଦୁ ବଂଶର ଉପକାର କରୁଥିବାର ଉଦ୍ଦେଶ୍ୟରେ ଆପଣା ସ୍ୱଳ୍ପରେ ରଖିଥାନ୍ତି । ଏ ସବୁ ସ୍ଥାନରେ ଭଲକା ଗଡ଼ଜାତ ଓ ମୋଗଲବନ୍ଦୀ ସରହଦ ମଧ୍ୟରେ ସବ ନିଯୁକ୍ତ ଅବଧାରି ଜଗନ୍ନାଥ ସ୍ୱାମୀଙ୍କୁ ଜଗନ୍ନାଥ ସତ୍ତ୍ୱରେ ସମର୍ପଣ କରୁଥିବା ପଣ୍ଡାମାନଙ୍କର ଗଣ୍ଡି ବିଚାରରେ ଦଶ୍‌ଟାରୀ ପର ଓ ଭକ୍ତର ସହିତ ସ୍ୱର୍ଗ ଦେଉଥିବାରୁ ଏକମାସ ମଧ୍ୟରେ ପ୍ରାୟ ୧୬।୧୭ ଶ ପଣ୍ଡା ଧରା ପଡ଼ିଅଛନ୍ତି । ଏମିତି ପଣ୍ଡାମାନେ ଖାଉଥାନ୍ତି କେବେ ?

ବାଣୀଆ ବୁଢ଼ୀ ଉଦ୍ଧାର ମୌଜାରବାସୀ ମହେନ୍ଦ୍ରସିଂହ ଶ୍ରୀ ଶ୍ରୀ ହୋସେନ୍ ଖଁଙ୍କ ଭାଇ ପିତା ପଦ୍ମନାଭ ଆପଣ ସହଯୋଗ ହେଲ ଆସି ପରେ ତାକୁ ଗ୍ରାମର ଲୋକ ସହିତ ଗଲା ବଳର ହେଉଥିବାରୁ ମହେନ୍ଦ୍ରଙ୍କ ଶୀଳ ମାନଙ୍କ ମଲେ ଏଠା ପୌଲିକାର ଦରବାରକୁ ଯୋଗ ଶା ଥାନାରେ ଦ ୪୯ ଧା ଓ ହୋସେନ ଜଣ ଛାମରେ ଦ ୪୬୪ ଧା ମଲେ ନିଃଶବ୍ଦ ବାହାରିଅଛି ଏଥିର ଫଳ ପଶ୍ଚାତ ପ୍ରକାଶ କରିବୁ ।

Split by PDF Splitter

Digitized by srujanika@gmail.com

ସାଳନ୍ଦ୍ରର ଥାନା ଅନ୍ତର୍ଗତ ଅଛୁଆସ୍ଥ ତପଜା ସଉନ୍ତର ମୌଜା ବାଲେଶ୍ୱର ଓ କଟକଙ୍କ ସରହଦ ବୈତରଣୀ ନଦୀର ପଦ୍ମକୂଳରେ ଅବସ୍ଥିତ ସେଠାକାର କେତେକ ଜଣ ଗାଏ ଗ୍ରହିବ ମେଳ ଅତ୍ୟନ୍ତ କେମାନଙ୍କ ଅତ୍ୟାଚାରରେ ଦୁଃଖିତ ହ ଉଛନ୍ତି । ମହା କାଉନ୍ସିଲ ଥିଲେ ଦରଖାସ୍ତରେ ଅଛୁଆସ୍ଥ ଅଧ୍ୟାପକ ଉଠି ଗିବା ଜନ୍ ଗ୍ରାମବାସିମାନେ ନନ୍ତ୍ରା ଖା ଉ ଖାନ୍ତୁ ନ ଥିଲେ ଓ ପ୍ରାଣ୍ଡ ବ୍ୟସ୍ତ ହୋଇ ଥିଲେ । ଶୁଣି ଅନ୍ତ- ଲଭ ହେଲୁ ଯେ ସାଳନ୍ଦ୍ରର ଥାନାର ସବଇନ୍ସପେକ୍ଟର ବାବୁ ଯୋଗେନ୍ଦ୍ରନାଥ ମଣ୍ଡଳ ଗ୍ରାମବାସୀ ମୌଜ ପାଏଖାନରେ ଏକ- ଜଣ କନେଷ୍ଟବଲ ନିଯୁକ୍ତ କରି ସହ ସୁଦ୍ଧା ଲୋକ ଗ୍ରା ବସାଇବାରୁ ଲୋକମାନେ ମହା ହରଷରେ ପଡ଼ିଅଛନ୍ତି ଏବଂ ଦ୍ୱେଷ ଅନେକ ପରିମାଣରେ କମ ପଡ଼ିଅଛି ।

## ପତ୍ରପ୍ରେରକଙ୍କ ପ୍ରତି ।

ମାଲୁଦ ଜାଗିରମାହାଲର ଅପର ପ୍ରାଇମେରି ସ୍କୁଲ ସମ୍ବନ୍ଧୀୟ ପ୍ରେରିତପତ୍ରରେ କେତେକ ଲୋକଙ୍କର ବକଲମ ଦସ୍ତଖତ ଲେଖା ଅଛି ମାତ୍ର ଲେଖକଙ୍କର ସ୍ୱାକ୍ଷର ଓ ଠିକଣା ଲେଖା ନ ଥିବାରୁ ଅପରିଚିତ ବ୍ୟକ୍ତିର ପତ୍ର ବୋଲି ଅଗ୍ରାହ୍ୟ ହେଲା । ପତ୍ରପ୍ରେରକମାନଙ୍କର ଉଚିତ ଯେ ସମ୍ପାଦକଙ୍କ ଜାଣିବା ନିମନ୍ତେ ପ୍ରେରିତପତ୍ର ତଳେ ଅଥବା ତହିଁ ସଙ୍ଗେ ପୃଥକ୍ କାଗଜରେ ଆପଣା ନାମ ଧାମ ସ୍ପଷ୍ଟ କରି ଲେଖିବେ । ଯେଉଁମାନେ ସମ୍ପାଦକଙ୍କ ହସ୍ତରେ ନାମ ଧାମ ବିଶ୍ୱାସ କରି ଦେବାକୁ କୁଣ୍ଠିତ ସେମାନଙ୍କର ଡାକମାସୁଲ ଖରଚ କରି ପତ୍ର ପଠାଇବା ବୃଥା ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ

ମହାଶୟ !

କଟକରେ ଅନେକଗୁଡ଼ିଏ ନାବାଳକ ରାଜା ବର୍ତ୍ତମାନ ଇଂରାଜୀ ବିଦ୍ୟା ଅଧ୍ୟୟନ କରୁଅଛନ୍ତି । ଏମାନେ ସମସ୍ତେ ଭବିଷ୍ୟତରେ ଦେଶର କି କିଛି ଦେଖାଇବେ ବର୍ତ୍ତମାନ କହି ହୋଇପାରି ନ ପାରେ କାରଣ ଯେତେବେଳେ ସମସ୍ତେ ସ୍କୁଲ- ମଧ୍ୟ ବିଦ୍ୟାଶିକ୍ଷା କରୁଅଛନ୍ତି ଏଥିରୁ ଆଶା ହୁଏ, ଏମାନେ ଅବଶ୍ୟ ଉତ୍ତମ ଫଳ ଦେଖା- ଇବେ । ମୋହର ଅଦ୍ୟକାର ଅଲୋଚ୍ୟ ବିଷୟ ଢାଲଭେର ନାବାଳକ ରାଜା ଶ୍ରୀମାନ କିଶୋର ଗିରିବର ସୁରତନଙ୍କ । ଅନେକଙ୍କ ଭଳି ନାବାଳକ ରାଜା ସ୍କୁଲରେ ବିଦ୍ୟାଶିକ୍ଷା କରୁଅଛନ୍ତି ସତ୍ୟ, ମାତ୍ର ଅମ୍ଭେମାନେ ବାହାଙ୍କର ଯେତେଦୂର ଶୁଣୁଅଛୁଁ ଓ ଦେଖୁଅଛୁଁ ସବୁ

ରାଜାଙ୍କ ମଧ୍ୟରେ ଢାଲଭେର ରାଜା ସବୁ ବିଷ- ୟରେ ଉତ୍ତମ ଦୃଷ୍ଟାନ୍ତ ଦେଖାଇ ଆସୁଅଛନ୍ତି । ରାଜା ମହୋଦୟ ଯେପରି ବିଦ୍ୟାନୁରାଗୀ ସେ- ହିପରି ସଚ୍ଚରିତ୍ର ହୃଦୟବାନ୍ ଓ ଦୟାଳୁ । "ଜୁଲସୀ ଦ୍ୱିପତ୍ର ବାସେ ବଢୁଅଛି ଦ୍ୱିପତ୍ର କୁଣ୍ଡେଇ ଚୁଏ" ରାଜା ମହୋଦୟ ବର୍ତ୍ତମାନ ପିଲା, ଏପରି ଅବସ୍ଥାରେ ସେ ଯେପରି ଦୟା ଓ ହୃଦୟବତ୍ତାର ପରିଚୟ ଦେଉଅଛନ୍ତି ତହିଁରୁ ଅନୁମିତ ହେଉଅଛି ଏ ମହୋଦୟ ପ୍ରଜାବତ୍ସଳ ଓ ଗରିବ ଦୁଃଖୀ ବନ୍ଧୁ ତଥା ହୃଦୟବାନ୍ ରାଜା ହେବେ । ଶ୍ରୀମାନ୍ ଯଶୋଧରନ୍ତ ବର୍ତ୍ତମାନ କଲେଜିଏଟ୍ସ୍କୁଲର ୪ ର୍ଥ ଶ୍ରେଣୀରେ ଅଧ୍ୟୟନ କରୁଅଛନ୍ତି, ଏହାଙ୍କର ଜନୈକ ସହପାଠୀ ନୀଳମଣି ପ୍ରଧାନ ସମ୍ପ୍ରତି ଜ୍ୱର ରୋଗରେ ଆକ୍ରାନ୍ତ ହୋଇ ମେଡିକେଲ ହସ୍ପିଟାଲରେ ମାନବଲୀଳା ସମ୍ବରଣ କଲା । ହସ୍ପିଟାଲରେ ନୀଳମଣିର ପୀଡ଼ି- ତାବସ୍ଥାରେ ରାଜା ମହୋଦୟ ତାକୁ ଦେଖିବା ପାଇଁ ଅନେକଥର ଆସିଥିଲେ । ପୁଣି ଗରିବ ଥିବାରୁ ରାଜା ତା ନିକଟକୁ ଗୋଟିଏ ପ୍ରସ୍ତରିତ ମୂଲ୍ୟବାନ୍ କୋଟ ଏବଂ ଗୋଟିଏ କମ୍ବଳ ଉକ୍ତ ହସ୍ତରେ ପଠାଇ ଦେଇଥିଲେ । ପୁନଶ୍ଚ ଖାଇ- ବାକୁ ଟ ୧ ଙ୍କା ଦେଇଥିଲେ ମୃତ୍ୟୁପରେ ତାକୁ ଜମେଇ ମଧ୍ୟ ଅର୍ଥ ସାହାଯ୍ୟ କରିଥିଲେ । ଏ ଛଡ଼ା ପ୍ରତ୍ୟେକ ଦିନଥରେ ନୀଳମଣି ଦିପର ଅଛି ଦେଖିବା ପାଇଁ ଭୃତ୍ୟ ପଠାଇ ଥିଲେ । ରାଜା ମହୋଦୟ ନିଜ ଖର୍ଚ୍ଚ କରିତ୍ତମାସିକ ଟ ୨୦ ଙ୍କା ପାନ୍ତ ତହିଁରୁ ପ୍ରାପ୍ତ ଟ ୧୬।୧୬ ଙ୍କା ଦାନ କା- ର୍ଯ୍ୟରେ ବ୍ୟୟ କରନ୍ତି । ମେଡିକେଲ ସ୍କୁଲରେ ୨ଗୋଟି କଲେଜଶ୍ରେଣୀର ଏକଜଣ, ଷ୍ଟାଫ୍‌ର ସ୍କୁଲର ଏକଜଣ, ଏରୂପ ୪ ଜଣ ଛାତ୍ରଙ୍କୁ ରହି୨ ମାସିକ ଅର୍ଥ ସାହାଯ୍ୟ କରନ୍ତି । ଏହା ବ୍ୟତୀତ କୌଣସି୨ ସ୍କୁଲକୁ ବହି୨ ମାସିକ ବୃତ୍ତି ଦଅନ୍ତି । ପାଠକେ ଏହା କ ହୃଦୟବାନ୍ ଲୋ- କର କାର୍ଯ୍ୟ ନୁହେଁ । ଏପରି ଛାତ୍ର ପଢ଼ିଅଛି କେବ ଦେଖାଇ ଆନ୍ତି । ରାଜା ମହୋଦୟଙ୍କର ଏପରି କାର୍ଯ୍ୟ ଦେଖି ତାଙ୍କୁ ଅମ୍ଭେମାନେ ଅନ୍ତର ସହିତ ଧନ୍ୟବାଦ ଦେଉଅଛୁଁ ଏବଂ ଯେଉଁ ଶିକ୍ଷ- କଙ୍କ ଶିକ୍ଷା ପାଇ ରାଜା ମହୋଦୟଙ୍କ ବୟସ- ରେ ଏପରି ସଦୃଷ୍ଟାନ୍ତ ଦେଖାଇବାକୁ ସକ୍ଷମ ହୋଇଅଛନ୍ତି ତାଙ୍କୁ ମଧ୍ୟ ଅମ୍ଭେମାନେ ଧନ୍ୟ- ବାଦ ନ ଦେଇ ରହି ପାରନ୍ତୁ ନାହିଁ । ଜଗଦୀଶ୍ୱର ପରମେଶ୍ୱର ରାଜାଙ୍କ ସର୍ବାଙ୍ଗୀଣ କରନ୍ତୁ,

ସେ ଏପରି ସୁଶିକ୍ଷା ପାଇ ଦୀକ୍ଷିତ ହୋଇ ପ୍ରଜା- ବତ୍ସଳ ରାଜାରୂପେ ସୁଖରେ ଶାସନ କରନ୍ତୁ ଦୁଃଖିତ ଦୁଃଖୀ କାଙ୍ଗାଳର ପ୍ରାର୍ଥନା ଶ୍ରବଣ କରି "ସେ ରାଜା" ଏହାର ପରିଚୟ ଦିଅନ୍ତୁ ।

କଟକ ୭।୭।୯୬ } ଜନୈକ ଉତ୍କଳ ବନ୍ଧୁ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ରଘୁନାଥ ଭଞ୍ଜ ମହାନ୍ତି | ଚେକାନାଳ | ଟ ୬୯ |
| „ ଜଗନ୍ନାଥ ମହାନ୍ତି | କଣ୍ଠେ । | ଟ ୧୯ |
| „ ସୀତାନାଥ ଗୁପ୍ତ | ମାଦାଗା | ଟ ୩୯ |
| ଶ୍ରୀ ରାଜା ଟଙ୍କ ସଙ୍ଗତିକ | | ଟ ୩୯ |
| „ „ | ଭଦ୍ରକଣ୍ଠା | ଟ ୩୯ |
| ବାବୁ ସୁଦର୍ଶନ ମହାପାତ୍ର ଜଗିବାଲ ଲେଖକସ୍ଥ | | ଟ ୭ ୮ |
| ଶ୍ରୀଯୁକ୍ତ ଶମ୍ଭୁଦାସମନ୍ତ | ଭଣ୍ଡାର | ଟ ୪୯ |
| ବାବୁ କେଶବଚନ୍ଦ୍ର ସାମନ୍ତସିଂହ | କିଲା | ଟ ୩୯ |
| „ ହରିହର ତ୍ରିପାଠୀ | „ | ଟ ୩୯ |
| „ ଗଙ୍ଗାଧର ଦାସ ଗୁପ୍ତ | ପୁରୀ | ଟ ୩୯ |
| „ ଗ୍ରାମସ୍ୱଦାସ | „ | ଟ ୬୯ |
| „ ରଘୁନାଥ ତ୍ରିପାଠୀ | କେନ୍ଦ୍ରାପଡ଼ା | ଟ ୩୯ |
| „ ବଳରାମ ସାହୁ | ନଦଁଯର | ଟ ୩୯ |

# ବିଜ୍ଞାପନ ।

## "ପାଠକମାନଙ୍କ ନିକଟରେ ନିବେଦନ ।"

ଚୌଧୁରୀ ବଜାର ମିଉନିସିପାଲଟି ହାଟ ମଧ୍ୟ- ରେ ବହୁଦିନ ହେଲା ଅମ୍ଭେ ଭାଲ ଗୁଡ଼ର କାରବାର କରୁଅଛୁଁ ମୋଫସଲ ବାସୀମାନେ ଅମ୍ଭ ନିକଟ ଯେ କୌଣସି ମାଲ ଖରିଦ କରି ସ୍ୱାଦ ଗ୍ରହଣ କରିବେ ତାହା ବସାରୁ ଦରରେ ଲୟ ଉଦ୍ଧୃତ ଭଳିଲେ ଦେବାକୁ ପ୍ରସ୍ତୁତ ଅଛୁଁ ଅମ୍ଭ ସହିତ ଥରେ କାରବାର କରି ସତ୍ୟତାର ଜାଣିବା ଲାଗି ସର୍ବସାଧାରଣଙ୍କୁ ଅନୁରୋଧ କରୁଁ ।

କଟକ ୮।୭।୯୬ } ଶ୍ରୀ ଅଭୟଚରଣ ଘୋଷ ।,

## ବିଜ୍ଞାପନ ।

ନିମ୍ନ ଲିଖିତ ପୁସ୍ତକମାନ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ନାଇଜର ଓ ବର୍ଣ୍ଣିକ୍ୟୁଲର ପାଠ୍ୟ, ସହାସାର ବ୍ୟାକରଣ ୪ ପଣ୍ଡିତ ନିମାଇଚନ୍ଦ୍ରଙ୍କ ବନ୍ଦ୍ୟୋପାଧ୍ୟାୟଙ୍କ କୃତ ଶ୍ରୀଯୁକ୍ତ ବାବୁ ମଧୁସୂଦନ ସର୍ବାଧିକାରୀ ପରିବର୍ଦ୍ଧିତ ଓ ପରିବର୍ତ୍ତିତ ୫ମ ସଂସ୍କରଣ ମୂଲ୍ୟ ଟ ୧୬

ରେଭେନ୍‌ସା କଲେଜର ବାଙ୍ଗଳା ଅଧ୍ୟାପକ ଶ୍ରୀ ଯୋଗେଶଚନ୍ଦ୍ର ରାୟଙ୍କର, ପ୍ରାକୃତ ଭୂଗୋଳ

Digitized by srujanika@gmail.com